ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

୨୧ ଅଗଷ୍ଟ-୩ ସେପ୍ଟେମ୍ବର, ୨୦୧୯

**ଦେଶେଦେଶେ** : ଟୋନି ମୋରିସନ୍

**ସ୍ମରଣୀୟ** : ସୁନୀତି ଦେବୀ


**ପ୍ରଥମ ବହି** : ବିବିଧ ବିଶ୍ୱ

**ପହିଲି ପୁଲକ** : ହରେକୃଷ୍ଣ ଦାସ



# ସଂଜ ନଇଁଗଲେ

ଗୋଟିଏ ଗୀତ ବି ଗୋଟିଏ ଗପ ବନି ଯାଇପାରେ! ମୋବାଇଲ୍‌ରେ ଗୋଟିଏ ରୋମାଣ୍ଟିକ୍ ଗୀତର ପାଖୁଡ଼ାଟିଏ ମୁଁ ହ୍ୟାଲୋଟ୍ୟୁନ୍ ସେଟିଂ କରିଥାଏ। ସେଇ ଗୀତଟି ଶୁଣିବା ପାଇଁ ଯେତେସବୁ କଲ୍ ଆଉ ମିସ୍‌କଲ ଆସୁଥିଲା। ସେତେବେଳେ ଆଜିକାଲିର 'ଜିଓ' ମୋବାଇଲ୍‌କୁ ଫ୍ରି ଆଉଟ୍ ଗୋଇଙ୍ଗ୍ କଲ ସୁବିଧା ନ ଥିଲା। କଥା ହେବା ପାଇଁ ପଇସା ପଡୁଥିଲା। ତେଣୁ ଥୋକେ ମିସ୍‌କଲ ମାରିମାରି କାମ ଚଳାଉଥିଲେ। ବାସ୍, ଏହି ମିସ୍‌କଲଠୁଁ ଆରମ୍ଭ ହୁଏ ମୋ' ଗପ। ଗପର ନାଁ 'ସଂଜ ନଇଁଗଲେ'। ଏହି ଶୀର୍ଷକକୁ ନେଇ ବହିର ନାମକରଣ ମଧ୍ୟ ହୋଇଛି।




ତେବେ ଏହା ବହି ରୂପେ ପ୍ରକାଶ ପାଇବା ପୂର୍ବରୁ ପ୍ରଥମେ ମୁଁ ମୋ' ସଂପାଦିତ ମିନି ସାହିତ୍ୟ ପତ୍ରିକା 'ଟାଇମ୍‌ପାସ୍'ର ଏକ ସଂଖ୍ୟାରେ ମୋର କେତୋଟି ନିର୍ବାଚିତ ଗଳ୍ପ 'ସଂଜ ନଇଁଗଲେ... ଡିଜିଟାଲ ଯୁଗର ଟିପିକାଲ ପ୍ରେମ' ଶୀର୍ଷକରେ ପ୍ରକାଶ କରାଯାଇଛି। ପ୍ରଥମ ପୃଷ୍ଠା ଓଲଟାଇଲେ ଲେଖାଥିଲା– ପ୍ରେମରେ ପଡ଼ିବା ପୂର୍ବରୁ ଥରେ ପଢ଼ିନିଅ। ପୃଷ୍ଠା ସଂଖ୍ୟା ସମୁଦାୟ ଥିଲା ୪୪, ମୂଲ୍ୟ ଥିଲା ମାତ୍ର ୫ ଟଙ୍କା। ପ୍ରଚ୍ଛଦରେ ନିଜର ଏକ ଫଟୋ ଦେଇଥିଲି। ଭିତର ଗପର ନାମକରଣକୁ ସୁହାଇଲା ପରି ପ୍ରତି ଗପରେ ସୁନ୍ଦର ଆଲ୍‌ବମ୍ ନାୟିକାଙ୍କ ଫଟୋ ସବୁ ଦେଇଥିଲି। ଯେହେତୁ ଏହି ମିନିଗଳ୍ପ ସଂକଳନଟି ଖଟାମିଠା 'ପ୍ରେମ ଗଳ୍ପ'ରେ ଭରପୂର ଥିଲା, ତେଣୁ ମାସକ ମଧ୍ୟରେ ପାଞ୍ଚଶହ କପି ସରିଗଲା। ମୋତେ ବି ଭାରି ଖୁସି ଲାଗିଥିଲା ଏହାର ପ୍ରଚୁର ପାଠକୀୟତା ଦେଖି।

ଏଥର ମୁଁ ମନସ୍ଥ କଲି ମୋର ଗଳ୍ପ ସଂକଳନଟିଏ କରିବି। ମୋର ଆଉ କିଛି ଗଳ୍ପ (ଉଭୟ ସିରିୟସ୍ ଓ ପ୍ରେମ) ଏକାଠି କରି ପାଣ୍ଡୁଲିପି ପ୍ରସ୍ତୁତ କଲି। ପଶ୍ଚିମା ପବ୍ଲିକେଶନ୍ସର ସ୍ୱତ୍ୱାଧିକାରୀ ଅଶୋକ ମହାନ୍ତି ଏହାର ଦାୟିତ୍ୱ ନେଲେ। ଗୋଟିଏ ମାସ ମଧ୍ୟରେ ବେଶ୍ ସୁନ୍ଦର ପ୍ରଚ୍ଛଦ ସହ ଏହା ୨୦୧୧ ମସିହାରେ ଆତ୍ମପ୍ରକାଶ କଲା।


ପ୍ରଥମ ବହିର ବାସ୍ନା ପ୍ରଥମ ପ୍ରେମ୍‌ଠାରୁ ବି ଅଧିକ ରୋମାଞ୍ଚିତ କରିଥାଏ। ପୃଷ୍ଠା ପରେ ପୃଷ୍ଠା ଓଲଟାଇବାରେ ଲାଗିଲି। ବହିର ବାସ୍ନା ପ୍ରକୃତରେ ନିଆରା। ପ୍ରଥମ ବର୍ଷାଟୋପା ଗାଁ ମାଟିରେ ପଡ଼ିଲେ ଯେପରି ବତୁରା ମାଟିର ବାସ୍ନା ମଣିଷକୁ ବିଭୋର କରିଥାଏ, ଠିକ୍ ସେହିପରି ମୋତେ ବିଭୋର କରିଥିଲା ସେଦିନର ସ୍ମୃତିସବୁ। ତରୁଣ ଯୁବପିଢ଼ିର ପାଠକମାନେ ଏହାକୁ ବହୁତ ପସନ୍ଦ କରିଥିଲେ। ମୋର ଜଣେ ବରିଷ୍ଠ ଶୁଭଚିନ୍ତକ ବହିଟିକୁ ପଢ଼ି କହିଥିଲେ– "ବିଶ୍ୱ, ତୁମେ ପ୍ରେମରେ ପଡ଼ି ନଷ୍ଟ ହୋଇଗଲ। ଶୀଘ୍ର ବାହା ହୋଇପଡ଼।" ତାଙ୍କରି ଏ ମତାମତ ଶୁଣି ଲାଗିଲା– ମୋ' ଗପ ଲେଖିବା ସାର୍ଥକ ହୋଇଛି। ଚାହୁଁଚାହୁଁ ବର୍ଷକ ମଧ୍ୟରେ ବହିର ପ୍ରଥମ ସଂସ୍କରଣ ଶେଷ। ବହିର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଲା ୨୦୧୨ ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ଭିନ୍ନ ଏକ ପ୍ରଚ୍ଛଦ ସହ। ଜଣେ କଞ୍ଚା ବୟସର ଅପରିପକ୍ୱ ତରୁଣ ଲେଖକର ପ୍ରଥମ ବହିର ଦ୍ୱିତୀୟ ସଂସ୍କରଣ ବାହାରିବା ବାସ୍ତବିକ ମୋ' ପାଇଁ ଏକ ବଡ଼ ଉପଲବ୍ଧି। ମୋର ସମୁଦାୟ ଚାରୋଟି ଗଳ୍ପ ସଙ୍କଳନ ବାହାରିଥିଲେ ମଧ୍ୟ ପାଠକୀୟ ଲୋକପ୍ରିୟତା ଦେଖିଲେ ଆଜି ବି ମୋ' ଅନ୍ୟ ବହିଙ୍କ ତୁଳନାରେ 'ସଂଜ ନଇଁଗଲେ' ସବୁଠୁଁ ଆଗରେ। ତେବେ ମୁଁ କେବେ କେଉଁ ସଭାମଣ୍ଡପରେ ମୋ' ବହିର ଉନ୍ମୋଚନ ଉତ୍ସବ କରିନି କି ବରାଦଦିଆ ସମୀକ୍ଷା କାହାଠାରୁ ଲେଖେଇ ନାହିଁ। ପାଠକଙ୍କ ପ୍ରତିକ୍ରିୟା ହିଁ ମୋ' ପାଇଁ ପ୍ରକୃତ ସମୀକ୍ଷା।

**ବିବିଧ ବିଶ୍ୱଙ୍କ ଜନ୍ମ ୧୯୮୦ରେ, କଟକ ଜିଲା ନରସିଂହପୁର ଗାଁରେ। ପ୍ରକାଶିତ ଗଳ୍ପ ବହି: 'ସଂଜ ନଇଁଗଲେ', 'ସ୍ୱପ୍ନ ପାଇଁ ସଜବାଜ', 'ଗୋଲାପରୁ ଗୁପ୍‌ଚୁପ୍ ଯାଏ' (ଅନୁବାଦ), 'ଦୌଡ଼'। ପ୍ରାପ୍ତ ସମ୍ମାନ: ଭୁବନେଶ୍ୱର ପୁସ୍ତକ ମେଳା 'ରବି ପଟ୍ଟନାୟକ ଗଳ୍ପ ପୁରସ୍କାର' ଓ 'ମନ୍ଥନ ଯୁବ ପୁରସ୍କାର'। ଆମ ସମୟର ସବୁଠୁଁ ତାଜା ଗପର ଏଇ ଯୁବ ଲେଖକ ଏଥରର 'ପ୍ରଥମ ବହି' ସ୍ତମ୍ଭରେ...**





ବିବିଧ ବିଶ୍ୱ




# ସଚ୍ଚି ରାଉତରାୟଙ୍କ ସହ ସାକ୍ଷାତ୍କାର ଉଚ୍ଚାଙ୍ଗ ହୋଇଛି...

ମହାଶୟ,

✻ ସବୁଥର ପରି ଏଥର ମଧ୍ୟ ଜୁଲାଇ ୨୪ରୁ ଅଗଷ୍ଟ ୬ ଯାଏଁ 'ସାହିତ୍ୟାୟନ' କୋଟିନିଧି ପାଇଲା ପରି ପାଇଲି। ସାହିତ୍ୟକୃତି ପଠନ ଯେତିକି ଆନନ୍ଦଦାୟକ, କୃତି ଉପରେ ତନ୍ମୟ ହୋଇ ତିନି ଟଙ୍କିଆ ପେନ୍‌ରେ ମତାମତ ଦେବା ଅଧିକ ଆନନ୍ଦଦାୟକ। ଏଥରକ 'ସାହିତ୍ୟାୟନ'ରେ ଦୁଇଜଣ ସ୍ରଷ୍ଟା ବାବାଜୀ ଚରଣ ଯେନା, ତ୍ରିଲୋଚନ ଦାଶଙ୍କୁ ଅଭିନନ୍ଦନ। ସବୁଥର ନୂଆ ନୂଆ ସ୍ରଷ୍ଟାଙ୍କ ଜୀବନୀ ପଢ଼ି ଆନନ୍ଦ ଲାଗୁଛି। ଏଥର 'ସାହିତ୍ୟାୟନ'ରେ କବି ସଚ୍ଚି ରାଉତରାୟଙ୍କ ସହ ସାକ୍ଷାତ୍‌କାରଟି 'ସାହିତ୍ୟାୟନ'ର ମର୍ଯ୍ୟାଦାକୁ ଶୀର୍ଷସ୍ତରରେ ଉପନୀତ କରାଇଛି। କବି ସଚ୍ଚି ରାଉତରାୟ ଜଣେ କାଳଜୟୀ କବି। 'ଛୋଟ ମୋର ଗାଁଟି' ଏବଂ 'ଗାଁ ମଶାଣି' କବିତା କବିଙ୍କୁ ଅମର କରିଛି। କବି ବାମମାର୍ଗୀ ହେଲେ ମଧ୍ୟ ତାଙ୍କର କବିତାରେ ପ୍ରକୃତିଭାବନା ଅତି ବଳିଷ୍ଠ। ଜୀବନର ବୈଚିତ୍ର୍ୟ କବିତାର ଆଧାର ହେବା ଉଚିତ ବୋଲି କବି ଯେଉଁ ମନ୍ତବ୍ୟ ଦେଇଛନ୍ତି, ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। କବିଙ୍କର ଭାବନା କେବଳ ଦେଶ ମଧ୍ୟରେ ସୀମାବଦ୍ଧ ନୁହେଁ, ବିଶ୍ୱପ୍ରସାରୀ। 'ରୁଦ୍ରାଭିଷେକ' ଗପ ଏକ ପାଣ୍ଡିତ୍ୟ ସୁଲଭ ଗପ। ଏଥିରେ ଦୁଇଟି ପୁଅ ଝିଅଙ୍କର ମନର ଭାବନାକୁ ବର୍ଣ୍ଣନା କରାଯାଇଛି। 'ମରୁଡ଼ି' ଗପ ଏକ ବିୟୋଗାନ୍ତକ ଗପ। 'ଫୁଲ୍‌ବିନ୍‌ଦାସ' ଗପ ଏକ ବ୍ୟଙ୍ଗଧର୍ମୀ ଗପ। 'କାନ୍ଧଗାମୁଛା' କବିତାଟି ଖୁବ୍ ଭଲ। ପୁସ୍ତକ ରଚୟିତାମାନଙ୍କୁ ଧନ୍ୟବାଦ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

✻ ୨୪ ଜୁଲାଇ ୨୦୧୯ ସଂଖ୍ୟାରେ ପ୍ରକାଶିତ 'ସାହିତ୍ୟାୟନ' ପାଠକଲି। ଉକ୍ତ ସଂଖ୍ୟାର 'ସ୍ମରଣୀୟ' ପୃଷ୍ଠା ପାଠ କରି ଓଡ଼ିଆ ସାହିତ୍ୟ ଜଗତର ସ୍ୱନାମଧନ୍ୟ ସାହିତ୍ୟିକ ରଜନୀକାନ୍ତ ମହାନ୍ତିଙ୍କ ବ୍ୟକ୍ତିଗତ ଜୀବନୀ ତଥା ତାଙ୍କ ଲେଖନୀ ନିଃସୃତ ଏକାଧିକ ସାହିତ୍ୟକୃତି ସମ୍ପର୍କରେ ଅବଗତ ହେଲି। ଉକ୍ତ ପୃଷ୍ଠାରେ ସ୍ଥାନିତ ଶ୍ରୀ ମହାନ୍ତିଙ୍କ ଗଳ୍ପ 'ରୁଦ୍ରାଭିଷେକ' ଅତୀବ ମର୍ମସ୍ପର୍ଶୀ ତଥା ଶିକ୍ଷଣୀୟ ହୋଇପାରିଛି। କବିତା ପୃଷ୍ଠାରେ ହୃଦାନନ୍ଦ ପାଣିଗ୍ରାହୀଙ୍କ 'କାନ୍ଧଗାମୁଛା' କବିତାଟି ଭାଷା ଓ ଭାବ ଦୃଷ୍ଟିରୁ ଓଡ଼ିଆ ଐତିହ୍ୟ–ବାହୀ। ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟ ପଠନୀୟ ଓ ରୁଚିଶୀଳ।

– ବିଜୁ ସାହୁ, ଖଣ୍ଡାଏତା, କଟକ

✻ 'ସାହିତ୍ୟାୟନ' ୨୪ ଜୁଲାଇ– ୬ ଅଗଷ୍ଟ ୨୦୧୯ ହସ୍ତଗତ ହେଲା। 'ପ୍ରଚ୍ଛଦ'ଟି ଚମତ୍କାର ହୋଇଛି। ସଚ୍ଚି ରାଉତରାୟଙ୍କ ସାକ୍ଷାତ୍‌କାର ଭଲ ଲାଗିଲା। ଏମିତି କିଛି ସ୍ୱନାମଧନ୍ୟ ଲେଖକମାନଙ୍କ ପୁରୁଣା ସାକ୍ଷାତ୍‌କାର ପ୍ରକାଶ କରିବା ପାଇଁ ଆମର ଅନୁରୋଧ। ଗଳ୍ପ 'ମରୁଡ଼ି' କରୁଣ ରସ ବହନ କରେ। ଏହା 'ବ୍ୟଙ୍ଗ' ହସର ଖୋରାକ ଯୋଗାଇଲା କବିତାଗୁଡିକ ଭଲ ହୋଇଛି।

– ଅରୁଣ କୁମାର ନାୟକ, ମାନସ କୁମାର ଯେନା, ଏରେଇଁ, ଚରମ୍ପା, ଭଦ୍ରକ

✻ 'ସାହିତ୍ୟାୟନ'ର ପ୍ରାୟ ସବୁ ସଂଖ୍ୟା ମୁଁ ପାଠକରେ। ଏହାର କାରଣ, ଏଥିରେ ପ୍ରକାଶ ପାଉଥିବା ଲେଖାଗୁଡ଼ିକ ସୁନିର୍ବାଚିତ। ତା'ଛଡ଼ା ଓଡ଼ିଶାର କୋଣଅନୁକୋଣରୁ ନୂଆ ଲେଖିକାଲେଖକଙ୍କୁ ଖୋଜି ଲୋଡ଼ି ଆପଣ ସ୍ଥାନିତ କରୁଛନ୍ତି। ଅର୍ଥାତ୍ 'ସାହିତ୍ୟାୟନ' ନୂଆପିଢ଼ିର ଲେଖିକା ଲେଖକମାନଙ୍କୁ ପାଠକଙ୍କ ସମ୍ମୁଖକୁ ଆଣୁଛି। 'ସାହିତ୍ୟାୟନ' ପ୍ରାୟତଃ ନିରପେକ୍ଷ। ଏପରି ନିରପେକ୍ଷତା କ୍ୱଚିତ୍ ଖବରକାଗଜ ସାହିତ୍ୟ ପୃଷ୍ଠାରେ ଦେଖିବାକୁ ମିଳେ। ଏଥିପାଇଁ ଧନ୍ୟବାଦ।

– ହେମନ୍ତ କୁମାର ରାଉତ, ରାଜନଗର, କେନ୍ଦ୍ରାପଡ଼ା

✻ ଅଗଷ୍ଟ ୭ ତାରିଖରେ ପ୍ରକାଶିତ 'ସାହିତ୍ୟାୟନ'ର 'ପ୍ରଦକ୍ଷିଣ' ସ୍ତମ୍ଭରେ ବିଶିଷ୍ଟ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ଜୀବନୀ ଓ କୃତୀ ସମ୍ପର୍କରେ ଡ.ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ଆଲେଖ୍ୟଟି ତଥ୍ୟଗର୍ଭିତ ଓ ସୁଲିଖିତ। କାର୍ତ୍ତିକ ଚନ୍ଦ୍ର ରଥ ଥିଲେ ତାଙ୍କ ସମୟରେ ଓଡ଼ିଶାର ରଙ୍ଗମଞ୍ଚ ଓ ନାଟ୍ୟକଳାର ବିଶ୍ୱସ୍ତ ପ୍ରତିନିଧି। ତାଙ୍କ ବିୟୋଗରେ ଓଡ଼ିଶାର ମଞ୍ଚ ଓ ଥିଏଟର ଜଗତରେ ବିପୁଳ କ୍ଷତି ହୋଇଛି। ବର୍ତ୍ତମାନର ଯୁବ ଲେଖକମାନେ ତାଙ୍କ ସମ୍ପର୍କରେ ହୁଏତ ବିଶେଷ ଅବଗତ ନୁହନ୍ତି। ତେଣୁ ଏ ଧରଣର ଆଲେଖ୍ୟ ଦ୍ୱାରା ଲେଖକଙ୍କ କୃତୀ ତଥା ସମକାଳୀନ ଓଡ଼ିଶାର ନାଟ୍ୟଜଗତ ସମ୍ପର୍କରେ ସେମାନେ ସମ୍ୟକ୍ ଧାରଣା ପାଇବେ। 'ସାହିତ୍ୟାୟନ'ରେ ଓଡ଼ିଶାର ବରପୁତ୍ର ଲେଖକମାନଙ୍କ ସମ୍ପର୍କରେ ଏହି ଧରଣର ଲେଖା ପ୍ରକାଶ କରିବାକୁ ଅନୁରୋଧ।

– ଶଶୀଭୂଷଣ ଷଡ଼ଙ୍ଗୀ, ନୀଳଗିରି, ବାଲେଶ୍ୱର

✻ ଅଗଷ୍ଟ ୭–୨୦'ସାହିତ୍ୟାୟନ'ରେ ଦିବଂଗତ ପ୍ରଖ୍ୟାତ ଗାଳ୍ପିକ ରାଜକିଶୋର ରାୟଙ୍କ ବହୁ ଚର୍ଚ୍ଚିତ ଗଳ୍ପ 'ଦଶହରା ଭେଟି' ପ୍ରକାଶ କରିଥିବାରୁ ଆପଣଙ୍କୁ ଧନ୍ୟବାଦ। ଗଳ୍ପରେ ଯେଉଁ ମାନବିକତା ଓ ତ୍ୟାଗର ଚିତ୍ର ସ୍ୱର୍ଗତ ରାୟ ଦେଇଛନ୍ତି, ତାହା ଆଜିର ସ୍ୱାର୍ଥାନ୍ୱେଷୀ ଲୋକଙ୍କଠାରେ ବିରଳ କହିଲେ ଚଳେ। ଏହିପରି ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ କ୍ଲାସିକ୍ ଗଳ୍ପ ଗୁଡିକୁ ପ୍ରକାଶ କରିବା ଦିଗରେ ଯତ୍ନବାନ ହେଲେ 'ସାହିତ୍ୟାୟନ'ର ପାଠକୀୟ ଆଦୃତି ବୃଦ୍ଧି ପାଇବ ଓ ନୂଆ ପିଢ଼ି ପାଖରେ ଜୀବନାଦର୍ଶର ନୂଆ ବାର୍ତ୍ତା ପହଞ୍ଚି ପାରିବ।

– ହରିହର ଶୁକ୍ଳ, ନୂଆଦିଲ୍ଲୀ

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ। ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

ଟୋନି ମୋରିସନ୍‌ଙ୍କ ଜନ୍ମ ୧୮ ଫେବୃୟାରୀ ୧୯୩୧ରେ, ୟୁନାଇଟେଡ୍ ଷ୍ଟେଟ୍‌ସ ଓହିଓର ଲୋରେନ୍‌ଠାରେ। ପ୍ରତିଭା-ଦୀପ୍ତା ଏଇ ଆଫ୍ରୋ-ଆମେରିକୀୟ ଲେଖିକା ପ୍ରାୟ ୧୬୦ ଖଣ୍ଡ ପୁସ୍ତକର ସ୍ରଷ୍ଟା, ଯହିଁରୁ ପ୍ରମୁଖ କେତୋଟି ହେଲା- 'ଦ ବ୍ଲୁୟେଷ୍ଟ୍ ଆଇ'(୧୯୭୦), 'ସୁଲା'(୧୯୭୩), 'ସଂଗ୍ ଅଫ୍ ସୋଲୋମନ୍'(୧୯୭୭), 'ଟାର୍ ବେବି'(୧୯୮୧), 'ବିଲଭ୍ଡ'(୧୯୮୭), 'ଜାଜ୍'(୧୯୯୨), 'ପ୍ଲେୟିଂ ଇନ୍ ଦ ଡାର୍କ: ହ୍ୱାଇଟ୍‌ନେସ୍ ଆଣ୍ଡ ଦ ଲିଟେରାରି ଇମାଜିନେଶନ୍(୧୯୯୨), 'ପାରାଡାଇଜ୍'(୧୯୯୭), 'ଏ ମର୍ସି'(୨୦୦୮), 'ହୋମ୍'(୨୦୧୨), 'ଗଡ୍ ହେଲ୍‌ପ ଦ ଚାଇଲ୍ଡ'(୨୦୧୫) ଏବଂ 'ଦ ସୋର୍ସ ଅଫ୍ ସେଲ୍‌ଫ-ରିଗାର୍ଡ'(୨୦୧୯)। 'ଡେସ୍‌ଡେମୋନା' ଓ 'ଡ୍ରିମିଂ ଇମ୍ମେଟ୍' ଭଳି ନାଟକର ସେ ବିଶ୍ୱବନ୍ଦିତା ସ୍ରଷ୍ଟା। ଆଫ୍ରୋ-ଆମେରିକୀୟ ଓ ସର୍ବୋପରି ବିଶ୍ୱ ସାହିତ୍ୟକୁ ଅବିସ୍ମରଣୀୟ ଅବଦାନ ପାଇଁ ତାଙ୍କୁ ମିଳିଛି 'ପ୍ରେସିଡେନ୍‌ସିଆଲ ମେଡାଲ ଅଫ୍ ଫ୍ରିଡମ୍', 'ପୁଲିଜର' ଓ 'ନୋବେଲ' ପୁରସ୍କାର। ନିଜ ଜୀବଦ୍ଦଶାରେ କିମ୍ବଦନ୍ତୀ ପାଲଟିଥିବା ଏହି ଔପନ୍ୟାସିକାଙ୍କ ପରଲୋକ ଘଟିଛି ୫ ଅଗଷ୍ଟ ୨୦୧୯ରେ, ନ୍ୟୁୟର୍କରେ। 'ଦେଶେଦେଶେ'ରେ ଏଥର ତାଙ୍କରି ସ୍ମୃତି...

# "ତୁମେ ସେଇ ବହିଟିକୁ ଲେଖ, ଯାହା ଲେଖା ହେଇନାହିଁ ଏ ଯାଏଁ..."

-ଟୋନି ମୋରିସନ୍

ଟୋନି ମୋରିସନ୍‌ଙ୍କ ସୃଜନ-ଜୀବନରେ ପ୍ରତିଭାର ବହୁଧାରା ସମନୀରା ହୋଇ ପ୍ରବାହିତ ହେଉଥିଲା। ସେ ଯେପରି ଥିଲେ ଆଫ୍ରୋ-ଆମେରିକୀୟ ଉପନ୍ୟାସରେ ଏକ ବିବର୍ତ୍ତମାନା ନବାରମ୍ଭ, ସେହିପରି ଥିଲେ ଜଣେ ଅନନ୍ୟା ଭାବୁକୀ ନିବନ୍ଧକାର, ଦିଶାଦର୍ଶୀ ସଂପାଦିକା ଓ ବିରଳତମା ନାଟ୍ୟସ୍ରଷ୍ଟା। ଶିକ୍ଷକତାର ପରିଣତ ସୋପାନରେ ସେ ଥିଲେ ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟର ଏମିରିଟସ୍ ପ୍ରଫେସର। ୩୯ ବର୍ଷ ବୟସରେ, ୧୯୭୦ ମସିହାରେ ପ୍ରକାଶ ପାଇଥିଲା ତାଙ୍କର ପ୍ରଥମ ଉପନ୍ୟାସ 'ଦ ବ୍ଲୁୟେଷ୍ଟ୍ ଆଇ'। ୧୯୭୭ରେ 'ସଙ୍ଗ୍ ଅଫ୍ ସୋଲୋମନ୍' ଉପନ୍ୟାସ ପ୍ରକାଶ ପାଇବା ପରେ ତାଙ୍କ ଲେଖା ଉପରେ ଦେଶର ଦୃଷ୍ଟି ପଡ଼ିଥିଲା। ଏହି ବହିଟି ଟୋନିଙ୍କ ପ୍ରଥମ ଉପନ୍ୟାସ ପରି କେବଳ ଚର୍ଚ୍ଚିତ ହୋଇ ନ ଥିଲା, ବହିଟିକୁ ମିଳିଥିଲା "ନ୍ୟାଶନାଲ୍ ବୁକ୍ କ୍ରିଟିକ୍‌ସ ସର୍କଲ ଆୱାର୍ଡ"।

ଟୋନି ଥିଲେ କୃଷ୍ଣାଙ୍ଗ-ଜନାନୁଭୂତିର ସବୁଠୁଁ ବଡ଼ ଆମେରିକୀୟ ଲେଖିକା। ତାଙ୍କର ପ୍ରତ୍ୟେକଟି ରଚନା ଥିଲା ଶ୍ୱେତାଙ୍ଗ-ବଡ଼ିମାର ଅଭୀକ ପ୍ରତିବାଦ। ଲିଙ୍ଗବାଦଠୁଁ ଆରମ୍ଭ କରି ଜାତିବାଦଯାଏଁ ପ୍ରତ୍ୟେକଟି ଅମାନବୀୟ ଚିନ୍ତନ ବିରୁଦ୍ଧରେ ତାଙ୍କ ଲେଖା ଥିଲା ତୀକ୍ଷ୍ଣଧାର। ଲେଖିକା ଭାବେ ଆପୋସହୀନ ପ୍ରତିବାଦୀ ହେବା ସତ୍ତ୍ୱେ ତାଙ୍କ ଲେଖାରେ ଫୁଟି ଉଠୁଥିଲା ସୌନ୍ଦର୍ଯ୍ୟର ଅପାର ସୁଷମା। ତାଙ୍କର ଏକ ବହୁପଠିତ ନିବନ୍ଧ "Rootedness: The Ancestor as Foundation"ରେ ସେ କହିଥିଲେ- ଜଣେ ଲେଖକର ଲେଖା ରାଜନୈତିକ ଓ ରମଣୀୟ (Political & Beautiful)- ଉଭୟ ହେବା ସମୀଚୀନ। ଟୋନି ତାଙ୍କର ସାରା ପ୍ରତିଭାକୁ ପୃଥିବୀର ପରିବର୍ତ୍ତନ ପାଇଁ ନିଗାଡ଼ି ଦେଇଥିଲେ। ଅନ୍ୟକୁ ହେୟ ଓ ଅଭାଜନ ମନେକରୁଥିବା ବିଶ୍ୱର ଯେକୌଣସି ଶକ୍ତି ବିରୁଦ୍ଧରେ ତାଙ୍କର ଅଗ୍ନିବାକ୍ ଉଚ୍ଚାରଣ ପାଠିକାପାଠକମାନଙ୍କୁ ଅଭିଭୂତ କରୁଥିଲା। ତାଙ୍କର ନିଷ୍କଳକ ସୃଜନ-ଦୃଷ୍ଟି ଶୋଷକଠୁଁ ଶୋଷିତ ଯାଏଁ ଅବିରାମ ପହଁରି ବୁଲୁଥିଲା। ସେ ଥିଲେ ଏପରି ଜଣେ ସମାଜ-ଦ୍ରଷ୍ଟା, ଯାହାଙ୍କର ଚିନ୍ତନ ଥିଲା ଶରତ ଆକାଶ ପରି ଶୁଦ୍ଧ ଓ ନିର୍ମଳ।



ଟୋନିଙ୍କ 'ବିଲଭ୍ଡ' ଉପନ୍ୟାସ ହେଉଛି ସେଥେ ନାମ୍ନୀ ଜଣେ ତରୁଣୀ କ୍ରୀତଦାସୀର କରୁଣ କାହାଣୀ, ଯିଏ ନିଜ ଜନ୍ମିତ ଶିଶୁକନ୍ୟାକୁ ଦାସତ୍ୱରୁ ମୁକ୍ତି ଦେବା ପାଇଁ ନିଜ ହାତରେ ହତ୍ୟା କରିବାର ବିକଳ୍ପକୁ ବାଛି ନେଇଛି। ମଗଜ ଚହଲେଇ ଦେବା ଭଳି ଏହି ଉପନ୍ୟାସଟି କେବଳ ବେଷ୍ଟ ସେଲର ହୋଇ ନ ଥିଲା, ବହିଟିକୁ ମିଳିଥିଲା ପ୍ରସିଦ୍ଧ 'ପୁଲିଜର୍ ପୁରସ୍କାର'। ଉପନ୍ୟାସର ଗୋଟିଏ ଗୋଟିଏ ଉକ୍ତି କିପରି ବିଦ୍ୟୁତ୍‌ଗର୍ଭୀ, ନ ପଢ଼ିଲେ ଅନୁଭବ କରି ହେବ ନାହିଁ। ବହିଟିର ବହୁ ସ୍ମରଣୀୟ ପଙ୍‌କ୍ତି ଭିତରୁ ମାତ୍ର ଦୁଇଟିର ଉଲ୍ଲେଖ ଏଠାରେ କରାଗଲା-

୧. "O my people, they do not love your hands, those they only use, tie, bind, chop off and leave empty. Love your hands. Raise them up and kiss them. Thouch others with them, pat them together..."


୨. "Something that is loved is never lost." ନିପୀଡ଼ିତଙ୍କୁ ଦରଦୀ କଣ୍ଠରେ ଟୋନି କହନ୍ତି- "ତୁମ ହାତକୁ ସେମାନେ ଭଲ ପାଆନ୍ତି ନାହିଁ, କେବଳ ବ୍ୟବହାର କରନ୍ତି, ବାନ୍ଧି ଦିଅନ୍ତି, ହାଣି ପକାନ୍ତି ଏବଂ ରିକ୍ତ କରି ଛାଡ଼ି ଦିଅନ୍ତି। ତୁମେ ତୁମ ହାତକୁ ଭଲପାଅ, ଉର୍ଦ୍ଧ୍ୱକୁ ତୋଳିଧର, ଚୁମ୍ବନ ଦିଅ। ଅନ୍ୟକୁ ତହିଁରେ ସ୍ପର୍ଶ କରି କୋଳେଇ ନିଅ।" କହନ୍ତି- "ଯାହାକୁ ଦିଆଯାଇଛି ଭଲ ପାଇବା, ତା'ର ବିନାଶ ନାହିଁ।" ଇୟେ ଗଦ୍ୟ ନା କବିତା ? ଲୁହରେ ନା ନିଆଁରେ ଲେଖାଯାଇଛି ଏ ଧାଡ଼ିସବୁ! ଆମେରିକୀୟ ସାହିତ୍ୟରେ କେବଳ ନୁହେଁ, ବିଶ୍ୱ ସାହିତ୍ୟରେ ଟୋନି ଯେପରି ସବୁ ଶେଷର ଏକ ଚମକପ୍ରଦ ଆରମ୍ଭ। ନୁହେଁ ?


୧୯୯୨ରେ ଯେତେବେଳେ ପ୍ରକାଶ ପାଇଲା ଟୋନିଙ୍କର ଅନ୍ୟତମ ପ୍ରଖ୍ୟାତ ଗ୍ରନ୍ଥ: "Playing in the Dark: Whiteness and the literary Imagination", ଫିଲାଡେଲ୍‌ଫିଆ ଏନ୍‌କ୍ୱେରର୍ ଲେଖିଲେ- "ଆମେରିକାର ସାଂସ୍କୃତିକ-ପରିଚିତି ଏ ବହିଟିରେ ଅପୂର୍ବ ଭାବେ ପୁନଃ-ଭାଷିତ। ଆଜିର ଆମେରିକୀୟ ସାହିତ୍ୟ କହିଲେ ଯାହା ବୁଝାଯାଏ, ତହିଁରେ ନିହିତ ମୋରିସନ୍‌ଙ୍କ ନିଖାଦ ସାଧନାର ପ୍ରତିବିମ୍ବ।" ଆଫ୍ରୋ-ଆମେରିକୀୟ ଉପନ୍ୟାସର ଭାଷା-ନିର୍ମାଣରେ ଟୋନିଙ୍କର ସମୟୋଚିତ ଯୋଗଦାନ ସୂଚାଏ ନିଜ ସାହିତ୍ୟକୁ ନିତ୍ୟ ଅଭିନବ କରି ଗଢ଼ି ତୋଳିବାରେ କିପରି ଜଡ଼ସଡ଼ ତାଙ୍କ ସ୍ରଷ୍ଟାପଣ। ଗତାନୁଗତିକତାରୁ ଭାଷାର ପରିତ୍ରାଣ ଥିଲା ତାଙ୍କର ସଂକଳ୍ପ। ସରଳ ଶବ୍ଦ, ଖଣ୍ଡିଖଣ୍ଡି ବାକ୍ୟ, ଅଥଚ ତା'ରି ଭିତରେ ଗୁମ୍ଫିତ ଯୁଗଯୁଗର ଅକୁହା ଅନୁଭବ। ନିଜ ଇଚ୍ଛାନୁରୂପ ଭାଷାକୁ ବଶ କରିବାର ବିଦ୍ୟା କେବଳ ଟୋନିଙ୍କୁ ହିଁ ଜଣାଥିଲା।

ସାହିତ୍ୟର ଭାଷା ସମ୍ପର୍କରେ ଟୋନି କହୁଥିଲେ- "Language alone protects us from the scariness of things... language alone is meditation." ଯାବତୀୟ ବିଘଟନରୁ ଭାଷା ଲେଖକକୁ ରକ୍ଷାକରେ, ଭାଷା ହିଁ ଧ୍ୟାନ। ତାଙ୍କ ମତରେ ଲେଖିବା କେବଳ ଅନୁଭବ ମାତ୍ର ନୁହେଁ, ଚିନ୍ତନର ଏକ ମାର୍ଗ। ଯାହା ବେଖାପ, ଅସମାଧିତ, ରହସ୍ୟଜଡ଼ିତ ଓ ସମସ୍ୟା କଣ୍ଟକିତ ବା କିଛି ନୁହେଁ ସାମାନ୍ୟ, ସୃଜନ ହେଉଛି ତା'ରି ଶବ୍ଦରୂପ। ଜୀବନତମାମ ସେ ସେଇ ବହିଟିକୁ ଲେଖିବାରେ ମନ ଲଗାଇ ଦେଉଥିଲେ, ଯାହା ସେ ପଢ଼ିବାକୁ ଚାହାନ୍ତି, ଅଥଚ ସେଯାଏଁ ତାହା ଲେଖାଯାଇ ନାହିଁ। ଛାତ୍ରାବସ୍ଥାରେ ତାଙ୍କ ଆଦରର ଲେଖକ ଥିଲେ ଉଇଲିୟମ୍ ଫକ୍‌ନର୍ ଓ ଭର୍ଜିନିଆ ଉଲ୍‌ଫ। ଟୋନିଙ୍କ ଉପନ୍ୟାସର ଭାଷା-ବିଧାନରେ ଏଇ ଦୁଇ ପ୍ରଖ୍ୟାତ ଲେଖକଙ୍କର ପ୍ରଭାବ ରହିବା ସ୍ୱାଭାବିକ। ଆଫ୍ରୋ-ଆମେରିକୀୟ ଲୋକ ସାହିତ୍ୟ, ଲୋକ ସଙ୍ଗୀତ ଓ ସାଇ ମାଇପିଙ୍କ ଅନାବନା ଗପ ଭିତରେ ଲୁଚି ରହିଥାଏ ତାଙ୍କ ଭାଷା-ଯୋଜନାର ଅସଲ ମଞ୍ଜି।

ଆଭିଧାନିକ ଅର୍ଥରେ ଟୋନି ଯଦିଓ ସାମାଜିକ-କର୍ମୀ ନ ଥିଲେ, ସାମାଜିକ ପରିବର୍ତ୍ତନ ପାଇଁ ଉନ୍ମୁକ୍ତ ଭାବନା ତାଙ୍କର ପ୍ରତି ଲେଖାରେ ଏପରି ଏକ ବାତାବରଣ ତିଆରି କରୁଥିଲା, ଯାହା ବିପ୍ଳବକୁ ବାଟ ଦେଖାଉଥିଲା। PEN ଆମେରିକାର ସେ ଥିଲେ ଦୀର୍ଘକାଳୀନ ସଭ୍ୟା ଓ ଏହି ଅବକାଶରେ କ୍ଷମତାର ଅକସ ଓ ଏକାଧିପତ୍ୟ କବଳରୁ ଚିନ୍ତାଶୀଳ, ପ୍ରତିବାଦୀ ଲେଖକଙ୍କ ଅଧିକାର ତଥା ଜୀବନର ସୁରକ୍ଷା ପାଇଁ ସେ ବରାବର ସ୍ୱର ଉତ୍ତୋଳନ କରୁଥିଲେ। ନାରୀ ଆନ୍ଦୋଳନ ସହ ତାଙ୍କର ସମ୍ପୃକ୍ତି ଥିଲା ଓତପ୍ରୋତ ଓ ନିଷ୍କପଟ। "The voices of the Black Power Movement" ଭଳି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥର ସେ ଥିଲେ ସମ୍ପାଦକ।

ସାଧାରଣରୁ ଅସାଧାରଣ ପାଲଟିଥିବା ଟୋନି ବିଶ୍ୱାସ କରୁଥିଲେ ଯେ ଜନଜୀବନର ସୁଖଦୁଃଖରେ ଜଣେ ଲେଖକ ଅଂଶୀଦାର ହେବା ଏକାନ୍ତ ପ୍ରୟୋଜନୀୟ। ଅନ୍ୟ ଜଣଙ୍କୁ ବନ୍ଧନମୁକ୍ତ ନ କରିବା ଯାଏ ଆମେ କଦାପି ମୁକ୍ତ ହୋଇପାରିବା ନାହିଁ- ଏହା ଥିଲା ତାଙ୍କର ଅପ୍ରତିହତ ବିଶ୍ୱାସ। ସେ ଥିଲେ ଇତିହାସର ଛାତ୍ରୀ। ତେଣୁ ଭଲ ଭାବେ ବୁଝିଥିଲେ- "ରାଷ୍ଟ୍ରସମୂହ ଜନ୍ମ ନେବେ ଓ ବିଲୀନ ହେବେ, କିନ୍ତୁ ମଣିଷର ବିଲୟ ନାହିଁ। ସମାଜ ଓ ଜୀବନରେ ପରିବର୍ତ୍ତନ ଆଣିବାର ସାମର୍ଥ୍ୟ ଏଇ ମଣିଷର ହିଁ ଅଛି। ବିବର୍ତ୍ତନ ଓ ବିକାଶ କେବଳ ମଣିଷ ଦ୍ୱାରା ସମ୍ଭବ। ଏକ ଅଭିଳଷିତ ପୃଥିବୀ ଆମ ଅପେକ୍ଷାରେ ରହିଛି, ଯା'ର ଆଗମନ ସମ୍ଭବ ହେବ, ଯଦି ସେଥିପ୍ରତି ଆମେ ପ୍ରତିବଦ୍ଧ ଓ ଧ୍ୟାନସ୍ଥ ହେବା।" ଶ୍ରୀଅରବିନ୍ଦଙ୍କୁ ଟୋନି ପଢ଼ିଥିଲେ କି ନା ଜଣାନାହିଁ; କିନ୍ତୁ ଏ ଉକ୍ତିଟିରୁ ମନେହୁଏ, ସତେ ଯେପରି ସେ ଏଇଟିକୁ ତାଙ୍କ ମୁହଁରୁ ହିଁ ଛଡ଼ାଇ ନେଇଛନ୍ତି। ମୃତ୍ୟୁ ଯାଏଁ ତାଙ୍କ ହାତରେ ସକ୍ରିୟ ଥିଲା ଲେଖନୀ। ଲେଖୁଥିଲେ ନୂଆ ଉପନ୍ୟାସ। କ୍ରୂର କାଳ ତାଙ୍କ ହାତରୁ ଯଦିଓ ଛଡ଼ାଇ ନେଲା କଲମ, ହେଲେ ଜୀବଦ୍ଦଶାରେ ତାଙ୍କ ଓଠରେ ଲହଡ଼ି ଭାଙ୍ଗୁଥିଲା ଯେଉଁ ହସ, ତାହା କାଳାତୀତ। କାନ ଡେରିଲେ ଅବଶ୍ୟ ଶୁଭେ ତା'ର ପ୍ରତିଧ୍ୱନି!!




- ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ

# ଦେବୀ

ନୟନାକ୍ଷ ହଠାତ୍ ମୋ' ଜୀବନ ପୋଥିର ଏକ ପରିଚିତ ପୃଷ୍ଠା ପାଲଟିଯିବ ବୋଲି ମୁଁ କ'ଣ କେବେ ଭାବିଥିଲି! ସେ ମୋ' ଅସ୍ତିତ୍ୱରେ ପ୍ରମୂର୍ତ୍ତ ହେଉଗଲା ଆପେଆପେ। ବାହା ହେଇ ଶାଶୁଘରକୁ ଗଲାବେଳେ ଜିପ୍‌ରେ ବସି ସାତ ଆଠ ବର୍ଷର ପିଲାଟେ ମୋ' ବଧୂଲୀ ମୁହଁର ଚନ୍ଦନଫୋଟାକୁ ଦେଖି କହିଥିଲା– ମୁଁ ତମକୁ ବାହା ହେବି ଭାଉଜ। ମୁଁ ତାକୁ ନିରୀକ୍ଷଣ କରି କହିଥିଲି ଚାଲ ଏଇ ପାହାଡ଼ ସେପଟକୁ ପଳାଇବା। ସେଗୋଟି ଆଉ ଥରେ ମୁଁ ତମକୁ ବାହା ହେଉଥିବି! ସେ ପଚାରିଲା ଆଉ ଭାଇ? ସେ କ'ଣ କରିବେ? ମୁଁ ଜୋରରେ ହସିଥିଲି। କହିଥିଲି ସେ ଆଉ କ'ଣ କରିବେ? ଆଉ କାହାକୁ ଦେଖି ବାହା ହେଇଯିବେ। ଏଁ! ନାଇଁ ନାଇଁ ତମେ ମୋ' ଭାଉଜ ହେଇ ଥାଅ। ଭାଇ ନ ହେଲେ ଏକଦମ୍ ଏକୁଟିଆ ହୋଇଯିବେ। ସେଇ ଏଇ ଯୁବକ ନୟନାକ୍ଷ। ତିରିଶ ପଇଁତିରିଶ ବର୍ଷର ଏକ ହାରା ଯୁବକ। ପତଳା ନକନକ ଚେହେରା। ମଥାରେ ଲମ୍ବା ସିନ୍ଦୂରକଳି। ମନ କିଣି ନେଲା ମୋର ତେତିଶ ବର୍ଷ ପରେ। ଲାଗୁଥିଲା ତା' ମନ ସିନ୍ଦୁକରେ ମୋ' ପାଇଁ ସାଇତିଛି ଅନେକ ଅକୁହା କଥା। ତା' ସହିତ ଘର ଭିତରକୁ ଗଲି। ବୁଢ଼ୀ ବୋଉ ତା'ର ମୋ' ହାତକୁ ଧରି ପକାଇ କହିଲେ, ଆସିଲୁ ମାଆ ଏତେ ଦିନ ପରେ! ଯିଏ ତୋତେ ଦେଖିବ ଦେଖିବ ହଉଥିଲା, ସେ ତ ରହିଲା ନାହିଁ। ତା'ପରେ ଏକ ବୁକୁଫଟା ଦୀର୍ଘଶ୍ୱାସ ତାଙ୍କ ଛାତି ଚିରି ବାହାରି ଆସିଲା ଝାଞ୍ଜି ଯେମିତି। ମୁଁ ଜଳିଯିବିକି ଆଉ! ପାହାଡ଼ ଦେହରୁ ସେନ୍ତେରିଗଲା ନିଆଁ ଧାପେ! ସାରା ଜଙ୍ଗଲଟାକୁ ଜାଳିଦବ ଯେମିତି!

କେତେ ରାତି ବତୁରିଛି ଲୁହରେ। କେତେ ଥର ଅଳି କରିଛି ଯାଙ୍କ ପାଖରେ ସେଇ ପାହାଡ଼ ବନାନୀଘେରା ଶାଶୁଘର ଗାଁଟିକୁ ବୁଲି ଆସିବାକୁ। ହେଲେ ତାଙ୍କର ଏକା ଜିଦ୍ ଯେମିତି ଶାଶୁଘର ଜିଦ୍‌ରେ ସେ ଦିନ ଛାଡ଼ିଥିଲ ସେମିତି ଆଉ ସେ ମାଟି ମାଡ଼ିବନି। ମୁଁ କହିଥିଲି କେତେ ସେତେବେଳେ ବୟସ ଥିଲା ମୋର! ସହରରେ ହଷ୍ଟେଲରେ ବଢ଼ିଥିବା ଝିଅଟିକୁ ହଠାତ୍ ବାପା ବାହାଘର ତମ ସହିତ ଠିକ୍ କରି ଟେଲିଗ୍ରାମ ଦେଇ ଡକାଇ ଦେବେ, ଆଉ ପନ୍ଦର ଦିନ ପରେ ବେଦିରେ ବସାଇ ବାହାଘର କରିଦେବେ, ଏକଥା ବି ପଚାରିବେନି ଯେ ତୋର ଇଚ୍ଛା ବାହା ହେବାକୁ ଅଛି ନା ନାହିଁ, ଏ କେମିତି କଥା କହିଲ! ମୋ' ସ୍ୱାମୀ ଯୁକ୍ତି ବାଢ଼ନ୍ତି ଓ ଏଇଥିପାଇଁ ତମେ ଶାଶୁଘର ସମ୍ପର୍କକୁ ଛିଃ କରିଦେଲ। ଆଉ ଚାକିରି କରୁଥିଲ ବୋଲି ସବୁ ଛାଡ଼ିଛୁଡ଼ି ଦେଇ ପଳେଇ ଆସିଲ! ଶେଷକୁ ମୋତେ ବି! ତମେ ତ ବୟସରେ ଏତେ ଅପରିପକ୍ୱ ନ ଥିଲ। ତେଇଶ ବର୍ଷର ଜଣେ ଉଚ୍ଚ ଶିକ୍ଷିତ ଝିଅଠାରୁ କ'ଣ ଏଇଆ ଆଶା କରାଯାଇପାରେ। ଆଚ୍ଛା ସେତେବେଳେ ଯଦି ମୁଁ ତମକୁ ଛାଡ଼ି ଦେଇଥାଆନ୍ତି କ'ଣ କରିଥାନ୍ତ ତମେ? ସ୍ୱାମୀ ପରିତ୍ୟକ୍ତା ହୋଇ ସାରା ଜୀବନ ଜିଇ ପାରିଥାଆନ୍ତ! ଅଗତ୍ୟା ମୁଁ ତମ ସହିତ ସାଲିସ୍ କରି ତମ ଚାକିରି ସ୍ଥାନକୁ ବଦଳି ହୋଇ ଆସିଲି।

ଏବେ ସେକଥା ଆଉ ଉଠଉଛ କାହିଁକି ରୁଦ୍ରାକ୍ଷ! ସେତେବେଳେ ମୁଁ ମାନୁଛି ମୋର ବୟସ କମ୍ ନ ଥିଲା। କିନ୍ତୁ ସମଗ୍ର ପ୍ରେକ୍ଷାଳୟରେ ଅଜସ୍ର ଦର୍ଶକଙ୍କ ମଧ୍ୟରେ ମୁଁ ତ କେବଳ ଜଣେ ନ ଥିଲି, ଯିଏ କେବଳ ରଙ୍ଗମଞ୍ଚର ଗୋଟିଏ ପାର୍ଶ୍ୱ ଦେଖି ପାରୁଥିଲା। ମୋ' ଭୂମିକା ବଧୂ ଭାବରେ କ'ଣ ମୁଁ ଜାଣି ନ ଥିଲି ରୁଦ୍ରାକ୍ଷ! ଏବେ ସତେ ଯେପରି ତମର ସେଇ ଗାଁରେ ଭରସାର ଦୀପଟିଏ ଜଳୁଛି ମୋ' ପାଇଁ। ବୋଉ ଚାଲିଗଲେ, ବାବା ଚାଲିଗଲେ। ତା' ପରେ କେଜାଣି କାହିଁକି ଜୀବନ ସରିଆସିଲା ବେଳକୁ ସବୁ ମୁଁ ଭୁଲ କଲା ପରି ଲାଗୁଛି। ତିରିଶ ବର୍ଷ ତଳର ସେଇ ମାଟିଘର ଥୁଣ୍ଟା ହେଇ ଠିଆ ହେଲେ ବି ମୁଁ ଥରେ ଦେଖିବାକୁ ଚାହେଁ ମଲ୍ଲିକା! ସେଇ ଗାଁ ଭୂଇଁ, ତା'ର ଦେବୀ ମୋତେ ହାତଠାରି ଡାକୁଛି। ମୋତେ ଗୋଟାପଣେ କ୍ଷତାକ୍ତ କରୁଛି କ୍ଷଣ ଅନୁକ୍ଷଣ ମୋର ଅତୀତର କଳାକର୍ମ। ନୀଳ ବିଛଣାରେ। ଜାଣେ ଏଇଟା ତାଙ୍କର ଶେଷ ସମୟ। ସେ ମୋତେ ଦେଖିବାକୁ ଚାହାନ୍ତି। ଅନ୍ତତଃ ଜଣେ କର୍କଟ ରୋଗୀ ପାଇଁ ମୋତେ ଯିବାକୁ ହେବ ରୁଦ୍ର! ପ୍ଲିଜ୍! ହାତଯୋଡ଼ୁଛି ମୋତେ ଟିକେ ନେଇଚାଲ। ମୁଁ ତମକୁ ବାରମ୍ବାର ଅପମାନିତ କରିଛି ତମ ଜ୍ଞାତିକୁଟୁମ୍ବଙ୍କ ଆଗରେ। ଏବେ ଦେଖିବ ମୁଁ ସମସ୍ତଙ୍କ ଆଗରେ କ୍ଷମା ମାଗିବି।

ସେ ଅପମାନ ମୁଁ ଭୁଲିନି ସୁଖୀ! କେତେ ଦୁଃଖ ତମେ ଦେଇଛ ମୋତେ ଆଉ ଆମ ପରିବାରକୁ କହିଲ। ମୁଁ ସ୍ୱାମୀଙ୍କ କୋଳରେ ମଥା ରଖି କଇଁକଇଁ ହୋଇ କାନ୍ଦି ଉଠିଲି। ସେ ତରଳି ଗଲେ। କହିଲେ ଛାଡ଼ ସେ କଥା, ମୁଁ ତମକୁ ନେଇଯିବି ଗାଁକୁ। ହେଲେ ଆଗଭଳି କିଛି ବି ଯେମିତି କାଣ୍ଡ ନ କର। ମୁଁ ଆଉ କ'ଣ ଭାବି ଥାଆନ୍ତି, ହେଲେ ମୋ' ଭାବନାକୁ ଚହଲେଇ ବୁଢ଼ୀ କହିଲେ, ତମେ ତ ସହରୀ ଲୋକ। ତମର ବା କ'ଣ ଅଭାବ! ଆମ ଗରିବ ଘରେ ତୋରାଣି ଟୋପେ ପିଇବୁଟି! ସେ ମୋର ଲେଖାଯୋଖାରେ ଖୁଡ଼ୀଶାଶୁ ହୁଅନ୍ତି। ମୁଁ ଲାଜରେ ମୁଣ୍ଡ ଟୁଙ୍ଗାରି ରୋଷେଇ ଘର ଆଡ଼େ ଚାହିଁଲି। ହାଣ୍ଡିରେ ଛମଛମ ହେଉଛି ନିର୍ମଳ ତୋରାଣି। ଭାରି ଲୋଭ ହେଲା। ମନ କଥା ମୋର ଖୁଡ଼ୀ ଜାଣିପାରିଲେ କି କ'ଣ! ବଡ଼ ସ୍ନେହରେ ବାସି ତୋରାଣିରେ ଟଭା ପତ୍ର ପକାଇ ପିଇବାକୁ ଦେଲେ। ଖରାଦିନ ଆସି ଯାଇଥାଏ। ମୁଁ ଆନନ୍ଦରେ ସେତକ ଢକଢକ କରି ପିଇଦେଲି। ସେ ଆରମ୍ଭ କଲେ, ଝିଅ ଏଇ ଖଣ୍ଡକ ଆମ ଭଡ଼ାଘର। ଭାଇ ତ ଭଗାରି ହେଲା। ପେଟର ପିଲାଏ ତ ଦାଉ ସାଧିଲେ ଆଉ ଉପାୟ କ'ଣ! ନୟନାକ୍ଷ ବଡ଼ ପାଟିଟେ କଲା। କହିଲା, ଥାଉ ସେ କଥା। ଭାଉଜଙ୍କୁ ଠାକୁରାଣୀ ଦର୍ଶନ କରାଇନୁ। ଯେତେସବୁ ବାଜେ କଥା ଆସୁଆସୁ କହିବୁ। ଆସ ମ ଭାଉଜ! ଖଞ୍ଜାକୁ ଯିବା, ମୋ' ହାତ ଧରି ଭିଡ଼ିଭିଡ଼ି ନେଇଗଲା ସେ। ଦେଖିଲି ଖଣ୍ଡେ ହାତ ଦୂରରେ ଲମ୍ବାରେ ଠିଆ ହେଇଛି ଟିଣଛପର ଭଙ୍ଗା ଘର। ଭିତରେ ପଶିଲି। ପ୍ରଥମ ଦୁଇ ବଖରାର କାନ୍ଥ ଭଙ୍ଗାଯାଇଛି। ଆଉ ସେଇ ପଟେ ଚାଖଣ୍ଡେ ଛାଡ଼ି ନୂଆକରି ଇଟା ସିମେଣ୍ଟର କାନ୍ଥ ଠିଆ ହେଇଛି। ମୁଁ ଆଶ୍ଚର୍ଯ୍ୟ ହେବା ପୂର୍ବରୁ ନୟନାକ୍ଷ କହିଲା, ଭାଇ ସେ ପଟଟା କିଣିନେଇ ଘର କରୁଛନ୍ତି ତ! ସେ ଭାଙ୍ଗି ଦେଇ କାନ୍ଥ ଉଠାଉଛନ୍ତି। ତେଣୁ ସେ ଆମ କାନ୍ଥ ଭାଙ୍ଗିଲେ ତାଙ୍କର ଜାଗା ଥିବା ହେତୁ। ସେ ଛାତ ପକାଇ ସାରିଲେ ମୁଁ ପୁଣି ଏଠି କାନ୍ଥଟେ ଉଠାଇ ଦେବି। ସେ ପର୍ଯ୍ୟନ୍ତ ଆମେ ଭଡ଼ା ଘରେ ଥିବୁ।

ମୁଁ ପଚାରିଲି ପଛ ଘର କାନ୍ଥ ତ ଭାଙ୍ଗିନି। ନୟନାକ୍ଷ କହିଲା, ପୂର୍ବପୁରୁଷର ମାଟି କାନ୍ଥ ଭାଙ୍ଗିଦେବା ସହଜ ଭାଉଜ, ହେଲେ ଆମ ପରମ୍ପରାର ଦେବୀକୁ ଛୁଇଁବ କିଏ ନା ଉଠାଇବ କିଏ! ସେ ନିଜେ ବସିଛି ଏଠି। ମୋ' ଭିତରେ ହଠାତ୍ ଦେବୀ ପାଇଁ କେଜାଣି କାହିଁକି ଗଭୀର ପ୍ରତ୍ୟୟ ସୃଷ୍ଟି ହେଲା। ମନେହେଲା ଯିଏ ଏ ମଣିଷକୁ ନିର୍ମାଣ କରେ, ତା'ର ପୂର୍ବପୁରୁଷର ସ୍ମାରକୀ ହେଇ ଦିନେ ତା' ପାଖରେ ଠିଆ ହେଇ ତା' ହାତ ଧରି ଚାଲି ଶିଖାଏ। ସେ ପୁଣି ସମ୍ପର୍କକୁ ଥାଉଥାଉ ତାକୁ ନିର୍ବାପିତ କରେ କେମିତି! ସେଇ ଭଙ୍ଗାଘର ଭିତରକୁ ଗଲି। ବଖରାର ନିର୍ଦ୍ଦିଷ୍ଟ ଆକାର ଯଦିଓ ଅଛି, ସେ ଘର ଉପରେ ଥିବା ଛାତ ଭୁଶୁଡ଼ି ଯାଇ ଅନେକ ଦିନରୁ ମାଟି ହୋଇଯାଇଛି। କେବଳ ଠାକୁରାଣୀଙ୍କ ଆସ୍ଥାନ ଏଠି ଦିନେ ଥିଲା ବୋଲି ଜଣା ପଡୁଛି। ନୟନାକ୍ଷ କହିଲା, ଭାଉଜ! ଏଇଟା ଆମର ପୁରୁଣା ଠାକୁରାଣୀ ଘର। ଏ ପୁରୁଣା ଭଙ୍ଗାଘରୁ ଆସ୍ଥାନ ଉଠାଇବାକୁ ସେ ଦିନେ ମୋତେ ସ୍ୱପ୍ନରେ ନିର୍ଦ୍ଦେଶ ଦେଲା। ତେଣୁ ଏଠି ମୋ' ଖଣ୍ଡିଆ ଘରେ ପ୍ରତିଷ୍ଠା ହେଇ ରହିଛି। ତେଣୁ ଭାଇ ଏ ଘର କାନ୍ଥ ଭାଙ୍ଗିଲାନି, ଡରିଲା।

ଭିତରକୁ ଗଲି। ଠାକୁରାଣୀକୁ ଦର୍ଶନ କରି ଦୃଢ଼ ବିଶ୍ୱାସର ସହ ପାଦତଳେ ପଡ଼ିଲି। ଓଃ! କି ଜୀବନ୍ତ ସେ ଅନୁଭୂତି! କେବଳ ମାଆର ସିନ୍ଦୂରବୋଳା ମୁହଁ ଲାଲ ଟହଟହ ଦିଶୁଛି। ମୁହଁରେ ଦୁଇଟି ରୁପାର କଜଳପାତିଆ ଆଖି। ନାକରେ ଗୁଣା। ପାଟି ଦେଇ ବାହାରି ଆସିଛି ରୁପାରେ ଝଟଝଟ କରୁଥିବା ଲହଲହ ଜିଭ।

ମୋ' ହୃଦୟ ସ୍ପନ୍ଦିତ ହେଲା। ବିଶ୍ୱାସର ଆସ୍ତରଣରେ ଦେବୀକୁ ଢାଙ୍କି ଦେଇଛି ନୟନାକ୍ଷ। ଭାଇ-ଭାଇର ପଙ୍କିଳ ତିକ୍ତତା ସତେ ଯେପରି ତାକୁ ସ୍ପର୍ଶ କରିନାହିଁ। ମର୍ଯ୍ୟାଦା, ଶୃଙ୍ଖଳାର ସହ ଜିଇ ଶିଖିଛି ସେ। ଆମେ ସବୁ ତୃଷ୍ଣାରେ ଛନ୍ଦିହେଇ ଆଡ଼ମ୍ବରରେ ଜିଇ ବୈଷୟିକ ବିଭବରେ ଆହ୍ଲାଦିତ ହେଉଛେ। ଘିଅ ମହୁରେ ଭାସିବା ପାଇଁ ଦେବଦେବୀଙ୍କ ଉପାସନା କରୁଛେ। ନୟନାକ୍ଷ ରୋଗ, ଭୋକ, ଅଭାବ, କଷଣ ଭିତରେ ସଂସାର ପାତିଛି। ନିଜ ରୁଧିରକୁ ଦେବୀ ପାଦତଳେ ନିଗାଡ଼ି ଦେଇ ଆସ୍ଥାନଟିଏ ନିଜର ରାହା ପାଇଁ ପ୍ରସ୍ତୁତ କରିଛି। ନିଜକୁ ନିଃସର୍ତ୍ତରେ ସମର୍ପଣ କରିଦେଇଛି ଦେବୀ ପାଦତଳେ। ଲ' ଡିଗ୍ରୀ ହାତରେ। ଚାକିରି ନାହିଁ ବାକିରି ନାହିଁ। ଅଥଚ ଦୁଇ ପୁଅ ଓ ମାଆକୁ ଧରି ଭଡ଼ାଘରେ ରହି ଗୁଜରାଣ ମେଣ୍ଟାଇଲେ ବି ତା'ର ଭାଇମାନଙ୍କୁ ହାତପତାଇ ନାହିଁ। ତା' ଝଲମଲ ମୁହଁକୁ ମୁଁ ଚାହିଁଲି, ସେ କହିଲା, ଭାଉଜ! ମୋର ସୌଭାଗ୍ୟ ମୁଁ ମାଆର ନିର୍ଦ୍ଦେଶରେ ସବୁ କରେ, ସେ ମୋ' ସଂସାର ଗଢ଼ିଛି ଭାଉଜ! ଯଦି ଭାଙ୍ଗିଦବ, ଭାଙ୍ଗିଦବ। ମୋର ଅନୁଶୋଚନା ବି ହବନି ଭାଉଜ। ମୁଁ ତା' ମୁହଁରେ ବିନ୍ଦୁବିସର୍ଗ କି ଉପସର୍ଗ ଦେଖିଲିନି। ବରଂ ଦେଖିଲି ମହଣ ମହଣ ଆନନ୍ଦ ନେସି ହେଇଯାଉଛି ଏସବୁ ମୋ' ଆଗରେ କହିଲାବେଳେ! କହିଲା, ମୋର ସ୍ୱପ୍ନ ଦେଖିବାର ଇଚ୍ଛା ନାହିଁ, କେବଳ ତା'ର ମୁଠାଏ କରୁଣା ହିଁ ପାଥେୟ। ସଂସାର କରିଛି ଯେତେବେଳେ ଦୁଃଖ, ଶୋକ ଅଛି। ଆତ୍ମାର ମୋକ୍ଷ କଥା କିଏ ବୁଝେ ଭାଉଜ? ତାକୁ ପାଥେୟ କରି ବଞ୍ଚିଛି। ସେ ମୋତେ କେତେ ପ୍ରକାରେ ପରୀକ୍ଷା କରୁଛି କରୁ! ଆର ବର୍ଷ ଆମ କନକଦୁର୍ଗା ଠାକୁରାଣୀର ଉତ୍ସବ ବେଳକୁ ପୂଜକ ବାଧିକା ପଡ଼ିଲେ। ମୋତେ ତା'ର ପୂଜା କରିବାର ନିର୍ଦ୍ଦେଶ ଆସିଲା। ନିର୍ଜନ ଶୂନ୍‌ଶାନ୍ ରାତିରେ ତା' ପୂଜା। ଗୋଟେ ଆବେଗ ଆଉ ଆକୁଳତା ନେଇ ପୂଜା କରି ଭୋଗ ଲଗାଉଛି ଠାକୁରାଣୀ ପଛପଟରୁ ବିରାଟ ଶବ୍ଦ ହେଲା। ମୋତେ ସାହାଯ୍ୟ କରୁଥିବା ଠାକୁରାଣୀଙ୍କ ସେବକ ଭୟଭୀତ ହେଲା। କହିଲା– ଭାଇନା, ଜଲ୍‌ଦି ଭୋଗ ଲଗାଇ ଦୁଆର ଦିଅ। ମନ୍ଦିର ସେପଟେ ପିଶାଚୁଣୀମାନେ ବୁଲୁଛନ୍ତି ପରା! ମୁଁ ହସିଲି। ପୂଜା ସାରି ମନ୍ଦିର ପଛପଟକୁ ଯାଇ ଦେଖେ ତ ମୁହଁ ମାଡ଼ି ଥୁଆ ହେଇଥିବା ବିଶାଳ ପିତ୍ତଳ ହଣ୍ଡା ଠିଆ ହେଇଯାଇଛି। ମହମହ ବାସୁଛି ସେ ସ୍ଥାନ ଝୁଣା ଧୂପ ଗନ୍ଧରେ।

ମୁଁ ସେ ସେବକକୁ ଶେଷକୁ କହିଲି, ଜମା ଡରନି ଗୋସେଇଁ! ମାଆ ଆସିଥିଲା, କହି ଦେଇଗଲା, ମୁଁ ଅଛି। ଭୟ କରନି! ବାଧିକା ପଡ଼ିଥିବା ପୂଜକ ତା' ପରଦିନ ସକାଳେ କହିଲେ, ବୁଝିଲ ନୟନାକ୍ଷ! ବଡ଼ ଗର୍ବ ହେଲା ମୋର ମାଆ ପାଖରେ, ମୋ' ଛଡ଼ା ଆଉ କେହି ପୂଜା କରିପାରିବେ ନାହିଁ ବୋଲି। ମୋତେ ଏସନ ସେଥିପାଇଁ ପୂଜା କରାଇ ଦେଲା ନାହିଁ। ମୁଁ ଲୁଚିଛପି ଶୁଣୁଥିଲି ତୁମ ପୂଜାର ମନ୍ତ୍ର ଉଚ୍ଚାରଣ ବିଧି। ଭାବିଲି ତମେ ପାଠୁଆ ପିଲା! ପାରିବ ନାହିଁ। ମନ୍ତର କି ଶୁଦ୍ଧ ଉଚ୍ଚାରଣ! ମାଆର ପ୍ରକୃତ ଉପାସକ ତୁମେ ନୟନାକ୍ଷ! ମୁଁ ନୁହେଁ। କି ଆନନ୍ଦ ମୋର ସେ ମୁହୂର୍ତ୍ତରେ ଭାଉଜ! ଜୀବନରେ ସବୁ ପାହାଚରେ ମାଆ ଅଛି ମୋ' ସାଥିରେ। ସେ ଟୋପାଏ କରୁଣା ମୋ' ପରିବାର ଉପରେ ଛିଞ୍ଚିଦେଲେ ତାହା ହିଁ ଯଥେଷ୍ଟ। ମଝିଆ ଭାଇ ନୂଆ ଘର ତୋଳି ଉଠିଗଲା। ବଡ଼ ଆଉ ଏକ ସହରରେ ସଂସାର ପାତିଲେ, ମୋ' ଉପର ଭାଇ ସେପଟ ଖଞ୍ଜାରେ ଘର ତୋଳୁଛି। ଟଙ୍କାର ଅଭାବ ନାହିଁ, ହେଲେ ମଣିଷପଣିଆର ଘୋର ଅଭାବ। ମାଆକୁ କେହି ରଖିଲେନି। ଖାଲି ଉପର ମନରେ ମୋ' ଘରକୁ ତାକୁ ଦେଖିଆସୁଛନ୍ତି। ମଝିଆ ଭାଇ ଜିଦ୍ ଧରିଲା ମାଆକୁ ତା' ନୂଆ ଘରେ ଥାପନା କରିବାକୁ। ମୁଁ ମନା କଲି, ସେମିତି କରନାରେ, ତା'ର ଇଚ୍ଛା ଯୋଉଠି ସେ ରହିବ ରହୁ! ମା' ମୁଣ୍ଡ ଦି'ଭାଗ ହୁଏନି। ମାଆକୁ ତ ତମେ ରଖିଲ ନାହିଁ, ଠାକୁରାଣୀକୁ କୋଉଠି ରଖିବ? ଏକା ଜିଦ୍ ଧରି ମୋତେ ବହେ ବକିଗଲା ଭାଉଜ। କହିଲ ମୁଁ କ'ଣ ତା'ର ଶତ୍ରୁ! କହିଲା, ଭଙ୍ଗା ଦଦରା ଘରେ ଠାକୁରାଣୀକୁ ରଖିଛୁ, ଭାତ ମୁଠେ ଦେଇପାରୁନୁ ମୋ' ଘରେ ସ୍ୱତନ୍ତ୍ର ପୂଜା କରିବି ମୁଁ। ଆମ ବଂଶର ଦେବୀ ଭୋକିଲା ରହିବ! ଏଇଟା କ'ଣ ତୋତେ ଭଲ ଦିଶୁଛି? ଘରେ ଖିରି ଖେଚୁଡ଼ି ଖାଇବ। ମୁଁ ଥାପନା କରିବି ତାକୁ। ତୁ' ନ ଦେଲେ ମାଆକୁ ନାଇଁ। ଭାଉଜ ମାଆର ଆଦେଶ ନ ଥିଲା। ତା' ଆସ୍ଥାନ ମୁଁ ଉଠାଇଥା'ନ୍ତି କେମିତି କହ ତ!

ସେ ସପନରେ କହିଥିଲା ମୁଁ ତୋ' ଘରେ ତୋ' ପିତୃପୁରୁଷଙ୍କ ଅମଳରୁ ରହିଛି। ମୋତେ କଲବଲ କରିବୁ ନାହିଁଟି! ତୁ' ଭଡ଼ାଘରେ ରହିଲେ ବି ମୋ' ଆସ୍ଥାନ ଏଠୁ ଉଠାଇବୁନି। ଏଇଠି ଏଇ ଖଣ୍ଡିଆ ଘରେ ପୂଜା କରୁଥିବୁ। ଏ କଥା ବି କହିଲି ତାକୁ। ହେଲା ନାହିଁ। ଆଉ ଗୋଟିଏ ମାଆର ମୁଣ୍ଡ ତିଆରି କରି ତା' କୋଠା ଘରେ ପ୍ରତିଷ୍ଠା କରି ଥାପନା କଲା। ଭାଉଜ ମୋତେ ସତ ତମକୁ ମିଛ, କେଇଦିନରେ ବାଧିକା ପଡ଼ି ସେପୁରକୁ ଗଲା। ଗଲାବେଳେ ବେଶୀ କିଛି କହି ନ ପାରିଲେ ବି ଖାଲି କହୁଥିଲା ପଳା, ପଳା, ତୁ' ନୟନାକ୍ଷ ଘରକୁ ପଳା। ମୁଁ ପାପ କରିଛି, ପାପ। ଏବେ ବିଧବା ଭାଉଜ ପୂଜୁଛି ତାକୁ। ଅଧେ ଦିନ ତାକୁ ଗାଳି ମନ୍ଦ ବି କରୁଛି। ପିଲାଙ୍କୁ ଧରି ଅନୁଶୋଚନାର ଜୀବନ ଜିଉଛି।

ମୁଁ ଚମକିପଡ଼ି ଭେଁ କିନା କାନ୍ଦି ଉଠିଲି। ପାଟିରୁ ବାହାରିଗଲା ନୀଳ ଚାଲିଗଲେ! ପଥ ହୁଡ଼ିଥିଲି ନୀଳ ପରି ଦିନେ। ଅଥଚ ଯାହାକୁ ଦେଖିବି ବୋଲି ସହରରୁ ଆବେଗରେ ଧାଇଁ ଆସିଲି, ତାଙ୍କୁ ଟିକେ ବି ଦେଖି ପାରିଲିନି। ମୁଁ ନୟନାକ୍ଷର ହାତ ଧରି କହି ପକାଇଲି, ମୁଁ ବି ବହୁ ପାପ କରିଛି ନୟନାକ୍ଷ! ମୁଁ ସହରୀ ପାଠପଢୁଆ ବୋହୂ। ଆଜି ଅନୁଭବ କଲି ମଣିଷର ବିଶ୍ୱାସ ହିଁ ଜୀବ ସୀମାର ଲକ୍ଷ୍ମଣଗାର! ସେ ଗାର ଟପିଲେ ଆଉ ପଛକୁ ଫେରି ହୁଏନା ନୟନାକ୍ଷ! ବାଟ ଥିଲେ ବି ବାଟରେ ଚାଲି ହୁଏନି। ଅବାଟରେ ଚାଲିଲା ପରେ ଏ ନିର୍ବୋଧ ମଣିଷ ପୁଣି ଥରେ ବାଟ ଖୋଜେ। ହଜିଲା ଦରବ ସବୁ କ'ଣ ଜୀବନରେ ମିଳେ? ପରିତ୍ୟକ୍ତ ପାଦ କେବଳ ବିପଜ୍ଜନକ ମୋଡ଼ଠି ଅଟକିଯାଏ। ଯାଠୁ ବଳି ଦୁର୍ଭାଗ୍ୟ କ'ଣ ଆଉ ଥାଇପାରେ କହ ତ! ଏ ମଣିଷ ପାଇଁ ପ୍ରାଚୁର୍ଯ୍ୟର ଅହମିକା କେଡ଼େ ତୁଚ୍ଛ। ତଥାପି ତାକୁ ଇ ପାଥେୟ କରି ଆମେ ଜଟିଳ ଜୀବନଟେ ଜିଉ। ହତାଶବୋଧ, ଈର୍ଷା, ଦ୍ୱେଷ, ପରଶ୍ରୀକାତରତାରେ ଘାରି ହେଉ। ଯିଏ ସରଳ ବିଶ୍ୱାସରେ ଜିଏ, ସେ ହିଁ ଅପାର୍ଥିବ ସତ୍ତାକୁ ଅନୁଭବ କରେ। ସୁଖର ଜୀବନ ଜିଏ। ଏ ତତ୍ତ୍ୱ ଜ୍ଞାନ ସମସ୍ତଙ୍କ ପାଖରେ ନ ଥାଏ।

ପରମପୁରୁଷଙ୍କୁ ଖୋଜିବାର ଅନନ୍ୟ ମାର୍ଗ ତ ବିଶ୍ୱାସ। ସ୍ୱଚ୍ଛ ଶୁଦ୍ଧ ଗୁଣାତ୍ମକ ଜୀବନ ଜିଉଛି ନୟନାକ୍ଷ। ସେଇ ଗଭୀର ଉପଲବ୍ଧି ହିଁ ତା'ର ଗଣ୍ଠିଧନ। ମୁଁ ନୟନାକ୍ଷ ସହିତ ଗାଁର ସବୁ ପୁରୁଣା ମନ୍ଦିର ବୁଲିଲି। ଭାରି ଭଲ ଲାଗିଲା। ଖୁଡ଼ୀଶାଶୁ ମୋ' ହାତରେ ଶହେ ଟଙ୍କା ଦେଇ କହିଲେ, ଝିଅ ଆଉ ଥରେ ଆସିଲାବେଳକୁ ମୁଁ ବଞ୍ଚିଥିବି କି ନାହିଁ, ଏଇ ଶହେ ଟଙ୍କାରେ ଚୁଡ଼ି କିଣି ପିନ୍ଧିବୁ। ପୁଅକୁ ମୋର କଲ୍ୟାଣ ଦବୁ। ନୟନାକ୍ଷଠୁ ବିଦାୟ ନେଲାବେଳେ ଆମ ଦୁହିଁଙ୍କ ଆଖି ଛଳଛଳ ଥିଲା। ମୁଁ ନୟନାକ୍ଷର ହାତ ଧରି କହିଲି, ନୟନାକ୍ଷ ଆଜି ଯଦି ଧର୍ମର ଭାରତ ବଞ୍ଚିଥାଏ, ତେବେ ତା'ର ସ୍ପନ୍ଦିତ ଆତ୍ମା ହିଁ ଗାଁ ମାଟି। ତମେମାନେ ତା'ର ରକ୍ଷକ। ଭୂମିଠାରୁ ଭୂମାଯାଏ ସବୁଠି ଈଶ୍ୱର ପରିବ୍ୟାପ୍ତ ନୟନାକ୍ଷ। କେବଳ ସେଇ ଅପାର୍ଥିବ ସତ୍ତାକୁ ଅନୁଭବ କରିବା ପାଇଁ ମନସ୍କତା, ଆତ୍ମୀୟତା ନିହାତି ଦରକାର।

ତମେ ମହା ଭାଗ୍ୟବାନ୍, ତମର ଏ ଅନୁରାଗ ପ୍ରାରବ୍ଧର ଫଳ। ସେ କିଛି କହିବ ବୋଲି କହି ପାରିଲାନି। ମୁଁ ତା' ପାଖରୁ ବିଦାୟ ନେଇ ନୀଳ ଘରକୁ ଗଲି। ତା'ର ବିଧବା ସ୍ତ୍ରୀ ମୋତେ ଓ ଯାଙ୍କୁ ଦେଖି ବହେ କାନ୍ଦିଲା। ଏକଣା ଘରଟା ନିବୁଜ ହୋଇଥିଲା। ମୁଁ ପଚାରିଲି, ସୀମା! ଏ ଘରେ ତାଲା ପଡ଼ିଛି ଯେ! ସେ ମୁହଁ ମୋଡ଼ି କହିଲା– ତମ ନୀଳକୁ ନବା ପରେ ଆଉ କାହାର ପାଳି ପଡ଼ିଯିବ ବୋଲି ଭୟରେ ତାକୁ କିଳି ଦେଇଛି। ସେ ସେମିତି ଅପୂଜା ପଡ଼ିଥାଉ। ମୁଁ ସେ ବିଷୟରେ କିଛି ପଚାରିବାକୁ ସତରେ ଭୟ କଲି। ଘର ଭିତରେ ମହକୁ ନାହିଁ ଝୁଣା, ଧୂପର ବାସ୍ନା! ମନ୍ଦାର ମାଳ ଶୁଖି ଯାଇଥିବ। ଦେବୀ ବି ଆସ୍ଥାନ ଛାଡ଼ି ପଳାଇଥିବ! ତାକୁ କିଏ ବା ତାଲା ପକାଇ ରଖିପାରେ! ସେମାନଙ୍କ ପାଖରୁ ବିଦାୟ ନେଇ ଏ ଜଟିଳ ସଂସାରକୁ ଫେରିବାକୁ ଇଚ୍ଛା ନ ଥିଲା ମୋର। ସେଇ ଦେବୀଙ୍କ ମୁହଁ ନାଚୁଥିଲା ମୋ' ଆଖିରେ। ନୟନାକ୍ଷ ନିକଟରେ ମୋ' ହୃଦୟ ଛାଡ଼ି ଆସିଲା ଭଳି ମୋତେ ଲାଗୁଛି ଏବେ ବି।


– ସାନେୟିକା, ଡି/୨୮୦, ସେକ୍ଟର-୭, ସିଡିଏ, ବିଡ଼ାନାସୀ, କଟକ

ସ୍ମରଣୀୟ

ସୁନୀତି ଦେବୀଙ୍କ ଜନ୍ମ ୧୯୫୩ରେ, ଗଞ୍ଜାମ ଜିଲାର ବୋଇରାଣୀ ଗାଁରେ। ପ୍ରକାଶିତ ପ୍ରମୁଖ ଗ୍ରନ୍ଥ: ଗଳ୍ପ- 'ଏରୁଣ୍ଡିରୁ ଆକାଶ ପର୍ଯ୍ୟନ୍ତ' (୧୯୯୮), 'ଭଙ୍ଗାଶୋକ ପାପୁଲିଏ ମୋକ୍ଷ' (୧୯୯୯), 'ଶେଷ ପାଦ' (୨୦୦୧), 'ନିଜକୁ ପ୍ରେମିକା ମନେକରି' (୨୦୦୫), 'ପୃଥିବୀକୁ ଓହ୍ଲାଇଲା ପରେ'(୨୦୦୬), 'ସୈତାନର ଗୀତ'(୨୦୦୭) ଓ 'ହାତମୁଠାରେ ଆକାଶ'(୨୦୧୧); ଉପନ୍ୟାସ-'ଶବ୍ଦ ସହରର ନିଃସଙ୍ଗ ପକ୍ଷୀ' (୧୯୯୫), 'ପୁନଶ୍ଚ ପ୍ରିୟତମା' (୨୦୧୧), 'ଏକ ଅନନ୍ୟ କୁଞ୍ଜ'(୨୦୧୨), 'ହୁଏତ ଦେଖା ହେବ'(୨୦୧୩) ଓ 'ଅନ୍ଧଗଳିର ଭୋକ' (୨୦୧୭)। ଓଡ଼ିଆ କଥା ସାହିତ୍ୟରେ ବିଶେଷ ଯୋଗଦାନ ପାଇଁ ସୁନୀତିଙ୍କୁ ମିଳିଛି 'ସରଳା ଦେଇ ସମ୍ମାନ', 'ଉତ୍କଳ ସାହିତ୍ୟ ସମାଜ ସମ୍ମାନ' ଓ 'ଜଷ୍ଟିସ୍ ରାଜକିଶୋର ଦାସ ସ୍ମାରକୀ ସମ୍ମାନ'। ଓଡ଼ିଆ ଗଳ୍ପ ଓ ଉପନ୍ୟାସରେ ଏହି ଲେଖିକା ଏପରି ଅନ୍ତର୍ମୁଖୀ ଓ ଆନମନା, ଯେପରି ଭଦଭଦଳିଆ ଡେଣାରେ ବସି ଉଡ଼ିଯାଉଥିବା ଶରତ ଅପରାହ୍ଣର ଚେନାଏ ଖୋଲା ଆକାଶ...



ସୁନୀତି ଦେବୀ



ରମ୍ୟ ରଚନା

# ମାଆ

ଡ. ସୁଲୋଚନା ଦାସ

ଏବେ ସାରା ପୃଥିବୀରେ ଆଲୋଚିତ ହେଉଛି ଗଣମାଧ୍ୟମ ବା ସୋସିଆଲ୍ ମିଡିଆ, କୁସଂଗ ଓ ଭୋଗବାଦୀ ସଭ୍ୟତା ଛୋଟଛୋଟ ଶିଶୁ, ଯୁବକ, ତରୁଣ, ତରୁଣୀମାନଙ୍କୁ ଗଭୀର ଭାବେ ପ୍ରଭାବିତ କରୁଛି। ସଚେତନ ବ୍ୟକ୍ତିମାନେ ଚିନ୍ତିତଯେ ଏଥିଯୋଗୁଁ ନିଶା ଓ ହିଂସାର ପ୍ରାବଲ୍ୟ ସମାଜ ଜୀବନକୁ ବ୍ୟତିବ୍ୟସ୍ତ କରୁଛି। ଦେଖାଯାଉଛି ମାତାପିତା, ଗୁରୁ ଗୁରୁଜନ, ଶିକ୍ଷକ ଶିକ୍ଷୟିତ୍ରୀଙ୍କର ପ୍ରଭାବ କ୍ରମଶଃ ହ୍ରାସ ହେବାରେ ଲାଗିଛି।

ଏଠାରେ କହିବାର କଥା, ମାଆମାନେ ଚାହିଁଲେ ଏ ମାନସ ସଭ୍ୟତା ସଂସ୍କୃତିକୁ ସୁଧାରି ପାରିବେ ଓ ସୁରକ୍ଷା ଦେଇପାରିବେ। କାରଣ ଈଶ୍ୱର ସବୁ ସୃଷ୍ଟି କରିବା ପରେ ମାଆଟିଏ ତିଆରି କରିଥିଲେ। ଏହାର କାରଣ ଥିଲା ସଂସାରର ଯାବତୀୟ ଦୁଃଖ, ଯନ୍ତ୍ରଣା, ସମସ୍ୟାର ଉତ୍ତାପକୁ ମାଆ ନିଜ ଭିତରକୁ ନିଃଶେଷି ନେଇ ଶୀତଳତା ପ୍ରଦାନ କରିବ। ତା' ସ୍ନେହାଞ୍ଚଳରେ ଜଗତକୁ ବାନ୍ଧି ରଖିବ। ବାତ୍ସଲ୍ୟର ଅମୃତ ଦାନ କରି ସୃଷ୍ଟିର ବିଷ ପ୍ରକ୍ରିୟାକୁ ହରଣ କରିନେବ। ପ୍ରତ୍ୟେକ ମଣିଷ ମାଆ ଗର୍ଭରେ ଥିବାବେଳୁ ଜ୍ଞାନ ଆହରଣ କରିଥାଏ। ସେଥିପାଇଁ ଉପଦେଶ ଦିଆଯାଇଛି ଗର୍ଭାବସ୍ଥାରେ ସତ୍‌ଚିନ୍ତା, ସଦ୍‌ଗ୍ରନ୍ଥ ପାଠ କରିବା ଉଚିତ। ମହାଭାରତରେ ଉଲ୍ଲେଖ ଅଛି, ଅଭିମନ୍ୟୁ ମା' ଗର୍ଭରେ ଥିବାବେଳେ ଅର୍ଜୁନ ସୁଭଦ୍ରାଙ୍କ ଆଗରେ ବର୍ଣ୍ଣନା କରିଥିବା ଯୁଦ୍ଧବିଦ୍ୟାର କୌଶଳ ଶିକ୍ଷା କରିଥିଲେ। ସେ ଚକ୍ରବ୍ୟୂହ ମଧ୍ୟରେ ପ୍ରବେଶ କରିବା କୌଶଳ ମାତୃଗର୍ଭରେ ଶିକ୍ଷା କରିଥିଲେ। କିନ୍ତୁ ବ୍ୟୂହ ଭେଦ କରି ସେଥିରୁ ବାହାରି ଆସିବାର ଉପାୟ କହିଲା ବେଳେ ସୁଭଦ୍ରା ଗାଢ଼ ନିଦରେ ଶୋଇ ପଡ଼ିବାରୁ ଅଭିମନ୍ୟୁ ଆଉ ତାହା ଶିକ୍ଷା କରିପାରି ନ ଥିଲେ। ତା'ର ପରିଣାମ ସ୍ୱରୂପ ଅଭିମନ୍ୟୁ ଯୁଦ୍ଧରେ ଚକ୍ରବ୍ୟୂହ ମଧ୍ୟରୁ ବାହାରି ନ ପାରି ସପ୍ତରଥୀଙ୍କ ଦ୍ୱାରା ନିହତ ହୋଇଥିଲେ।

ମନୋବିଜ୍ଞାନୀମାନେ କୁହନ୍ତି, ଶିଶୁଟି ୫ ବର୍ଷ ଭିତରେ ମା'ଠାରୁ ଯାହା ଶିଖେ, ତାହାହିଁ ତା'ର ସମଗ୍ର ଜୀବନର ବ୍ୟକ୍ତିତ୍ୱକୁ ଗଠନ କରିଥାଏ। ଏଣୁ ସମାଜ ଗଠନରେ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାଆର ଭଲଚିନ୍ତା ବା ମନ୍ଦଚିନ୍ତା, ଆଚାର ବ୍ୟବହାର, ସଂକୀର୍ଣ୍ଣ ହେଉ କି ପ୍ରସାରିତ ଜୀବନଦୃଷ୍ଟି, ଉଚ୍ଚାକାଂକ୍ଷା କିମ୍ବା ମହତ୍ତର ଅଭିଳାଷ, ମହତପଣିଆ କିମ୍ବା ନୀଚ ମନୋଭାବ, ତା'ର କାମନାବାସନା, ସ୍ୱପ୍ନ, ଲକ୍ଷ୍ୟ ଠିକ୍ ଅବିକଳ ଭାବରେ ସନ୍ତାନଠାରେ ପ୍ରତିଫଳିତ ହୋଇଥାଏ। ଏଣୁ ମାଆଟିଏ ଚାହିଁଲେ ତା' ସନ୍ତାନକୁ ରାକ୍ଷସ କରିପାରିବ କିମ୍ବା ଦେବତା କରିପାରିବ। ଶଙ୍କରାଚାର୍ଯ୍ୟ, ଗାନ୍ଧିଜୀ, ମଧୁବାବୁ ପ୍ରମୁଖ ମହାପୁରୁଷମାନଙ୍କ ସଫଳତାର ଅନ୍ତରାଳରେ ମା'ମାନେ ରହିଛନ୍ତି। ଏପରି ବହୁ ଉଦାହରଣ ରହିଛି, ଯେଉଁ ମନୀଷୀମାନଙ୍କ ବ୍ୟକ୍ତିତ୍ୱ ଓ ସ୍ୱପ୍ନକୁ ରୂପରେଖ ଦେବାରେ ମାଆମାନେ ଜୀବନଶିଳ୍ପୀ ସାଜିଛନ୍ତି।

ପଢ଼ିଥିବା ଗୋଟେ ସତ୍ୟ କାହାଣୀ ଏଠାରେ ଉଦ୍ଧାର କରୁଛି। କଥାଟା ଅବିଶ୍ୱାସ ମନେ ହୋଇପାରେ। କିନ୍ତୁ ଫ୍ରାନ୍ସର ଜଣେ ମାଆଙ୍କର ଏ କୃତିତ୍ୱ। ତାଙ୍କର ଏକମାତ୍ର ସନ୍ତାନଟି ସାତଆଠ ବର୍ଷର ହୋଇଥାଏ। ପୁଅଟିର ଆଖିଦୁଇଟି ରୋଗାକ୍ରାନ୍ତ ହୋଇ କ୍ରମଶଃ ଦୃଷ୍ଟିଶକ୍ତି ହ୍ରାସ ପାଇବାରେ ଲାଗିଲା। ବାପା ମାଆ ଦୁହେଁ ପିଲାକୁ ଧରି ଏ ଡାକ୍ତର ସେ ଡାକ୍ତର ପାଖକୁ ଧାଇଁଲେ। ଡାକ୍ତରି ଚିକିତ୍ସା କଲେ। ପରାମର୍ଶ ଦେଲେ ପିଲାଟି ଆଦୌ ପଢ଼ାପଢ଼ି, ଟିଭି ଦେଖା କରିବ ନାହିଁ। ଆଖି ଉପରେ ଯେପରି କୌଣସି ପ୍ରକାର ଚାପ ନ ପଡ଼େ। ପିଲାଟି ଖୁବ୍ ବୁଦ୍ଧିଆ ଥିଲା ଓ ପଢ଼ାପଢ଼ିରେ ତା'ର ବେଶ୍ ଆଗ୍ରହ ଥିଲା। ଡାକ୍ତରଙ୍କ ପରାମର୍ଶ ଅନୁସାରେ ପାଠପଢ଼ା ସଂପୂର୍ଣ୍ଣ ବନ୍ଦ ହେବା କଥା। ପିଲାଟି ଦୁଃଖରେ ଭାଙ୍ଗିପଡ଼ିଲା। ବାପା ମାଆ ବି ବ୍ୟସ୍ତ ବିବ୍ରତ ହେଲେ। ତାକୁ ଶିକ୍ଷାରୁ ବଞ୍ଚିତ ହୋଇ ସାରାଜୀବନ ବଞ୍ଚିବାକୁ ପଡ଼ିବ। ବାହ୍ୟ ଓ ଭିତରର ଅନ୍ଧତ୍ୱକୁ ବରଣ କରିବାକୁ ହେବ। ଏହା ମୃତ୍ୟୁଠାରୁ ଅଧିକ ପୀଡ଼ାଦାୟକ। ମାଆ ବହୁତ ଭାବିଚିନ୍ତି ପୁଅକୁ ଆଶ୍ୱାସନା ଦେଇ କହିଲେ– ତୁ ବ୍ୟସ୍ତ ହୁଅନା, ମୁଁ ତୋର ସବୁ ପାଠ ପ୍ରତ୍ୟେକ ଦିନ ତୋ' ଆଗରେ ପଢ଼ିବି। ତୁ ସେ ସବୁକୁ ମନଧ୍ୟାନ ଦେଇ ଶୁଣି ମନେରଖିବୁ। ତୁ ସ୍କୁଲ ଯିବୁ। ମୁଁ ତୋତେ ଛାଡ଼ିବି ଓ ଆଣିବି। ମୋର ବିଶ୍ୱାସ ତୁ ସବୁ ପ୍ରତିକୂଳ ପରିସ୍ଥିତିରେ ତୋ' ନିଷ୍ଠା ଓ ସାଧନା ବଳରେ ଆଗେଇ ଯାଇପାରିବୁ। ତୁ ଚାହିଁଲେ ତୋ' ଅନ୍ତର୍ଦୃଷ୍ଟିର ଜ୍ଞାନାଲୋକରେ ଆଲୋକିତ ହୋଇପାରିବୁ। ସ୍ୱଳ୍ପ ଶିକ୍ଷିତା ମାଆଙ୍କ କଥାରେ ଦୃଢ଼ତା ଓ ଆତ୍ମବିଶ୍ୱାସ ଥିଲା। ସେ ପୁଅ ପାଖରେ ତା' ପାଠ ବହି ପଢ଼ିବା ସହିତ ନିଜେ ମଧ୍ୟ ପାଠପଢ଼ି ଉପଯୁକ୍ତ ହେବା ପାଇଁ ଅଧିକ ପଢ଼ାପଢ଼ି କଲେ। ଅନାୟାସରେ ଗୋଟେ ପରେ ଗୋଟେ କ୍ଲାସ୍ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେଲା ପିଲାଟି। ବ୍ରେଲ ପଦ୍ଧତିରେ ପାଠ ପଢ଼ିବା ସହଜ ହେଲା। ଶେଷରେ ନିଜର ବିଦ୍‌ବତ୍ତା ଓ ପାଣ୍ଡିତ୍ୟ ଯୋଗୁଁ ଗୋଟେ ବିଶ୍ୱବିଦ୍ୟାଳୟର ପ୍ରଫେସର ରୂପେ ନିଯୁକ୍ତି ପାଇଲା। ଆଜି ଫ୍ରାନ୍ସର ସେ ଜଣେ ବିଶିଷ୍ଟ ଶିକ୍ଷାବିତ୍। ଭିତରର ସବୁ ଅନ୍ଧକାରକୁ ଦୂର କରି ମାଆ ତାଙ୍କ ଭିତରେ ଯେଉଁ ଜ୍ଞାନର ପ୍ରଦୀପ ଜାଳି ଦେଇଥିଲେ, ତାହା ଆଜି ଅଗଣିତ ଛାତ୍ରୀଛାତ୍ରଙ୍କୁ ଆଲୋକ ଉଦ୍ଭାସିତ କରୁଛି।

– ଜେତବନ, ଶ୍ରୀରାମନଗର, ବାଦାମବାଡ଼ି, କଟକ

ଗଳ୍ପ

# ପ୍ରେମିକବର୍ଷା

ଝରଣା ପଟ୍ଟନାୟକ



ବାଯାବାତୁଲ ମେଘ ଆକାଶକୁ ଅନ୍ଧାର କରି ରଖିଛି। ବର୍ଷାର ଆତୁରପଣ ବାଦଲର ଛାତି ଚିରି ଝରି ପଡ଼ିବା ପାଇଁ ଉପକ୍ରମ କଲାଣି। ଶେଷ ଶ୍ରାବଣରେ ବି ମାଟିରେ ଜାକି ଧରିଲା ଭାବ। ପଚୁଆରରେ ଆସିଛନ୍ତି ମେଘ ବିଜୁଳି ଘଡ଼ଘଡ଼ି। ସାତପୁଅର ମା' ପରି ରୋଷ୍ ଦେଖେଇ ଝରିପଡ଼ିବାକୁ ବ୍ୟସ୍ତ।

ସସ୍ମିତାର ଜରୁରୀ ମିଟିଂ ସ୍କୁଲରେ। ଘଡ଼ଘଡ଼ିର ଢୋଲ ଚମକକୁ ଖାତିର ନ କରି ଦିନ ଦଶଟାରୁ ବାହାରିଯାଇଛି ସସ୍ମିତା। ବାହାରିଯାଇଛି ଯେ, ଯାଇଛି। କେତେ ସମୟ ହେଲାଣି ତା' ହେଜ ଭିତରେ ବୋଧେ ନାହିଁ। ସ୍କୁଲକୁ ଯିବ ବୋଲି କହୁଥିଲା। ମୋବାଇଲ ସୁଇଚ୍ ଅଫ୍। ଛୁଟିଦିନରେ କି ଜରୁରୀ ମିଟିଂ!

ଏମିତି ଗୋଟେ ଅଝାଡ଼ୁଆ ବର୍ଷାରେ ବାଇକ୍‌ର ଚକ ସ୍ଲିପ୍ କରିବାରୁ ମୋର ଆକ୍ସିଡେଣ୍ଟ ହୋଇଥିଲା। ଏଯାଏଁ ଠିକ୍ ହୋଇନି ମୁଁ। ହ୍ୱିଲଚେୟାର ମୋର ବାହନ। ସାଙ୍ଗସାଥୀ କହିଲେ ବିଶ୍ୱରଞ୍ଜନର ଦଶା କଟିଗଲା। ମରୁମରୁ ବଞ୍ଚିଗଲା। ମୁଣ୍ଡରେ ଆଘାତ ଲାଗିଥିଲେ ବି ବିଚାରା ବ୍ରେନ୍ ହାମ୍‌ରେଜ୍‌ରୁ ବର୍ତ୍ତିଗଲା।

ଏ ଆହା, ଚୁ ଚୁ ରୁ ତ୍ରାହି ପାଇବି ବୋଲି କାହା ସହିତ ସମ୍ପର୍କ ରଖିଲି ନାହିଁ। ସସ୍ମିତାର ଦରମା ଅଛି। ମୁଁ ଛୁଟିରେ। ଅଫିସ୍‌ରୁ ଆଡ୍‌ଭାନ୍ସ ପାଇଁ ଦରଖାସ୍ତ କରିଛି। ଦିନସାରାର ଖାଇବା ସସ୍ମିତା ଟେବୁଲ ଉପରେ ରଖିଯାଇଛି। ହଟ୍‌କେଶ୍‌ରେ ମିଲ ଆଉ ବିସ୍କୁଟ୍ ପାଣି। ସବୁ ପରେ ବି ଘରୁ ଚାଲିଗଲେ ସେ ବେଫିକର।

ଆମ ଦୁଇଜଣଙ୍କର କବିତା ଲେଖିବାର ନିଶା ଦୁଇଜଣଙ୍କୁ ଏକାଠି କରିଥିଲା। ଆମେ ବାହା ହୋଇଥିଲୁ। ହାତୀ ଛତି ପାଇଁ ମନ ନ ଥିଲା। ଗୁଜୁରାଣ ମେଣ୍ଟେଇବା ପାଇଁ ଅର୍ଥ ଉପାର୍ଜନ ଓ ବହି ବାହାର କରି ପ୍ରସିଦ୍ଧି ଲାଭ କରିବାର ଚେଷ୍ଟା ଆମେ ଦିନଦିନ ଧରି ଜାରି ରଖିଥିଲୁ।

ସେ ଚାକିରି କରିବାକୁ ଚାହୁଁ ନ ଥିଲା। ଏବେ କିନ୍ତୁ ଓଲଟିଯାଇଛି ଗୋଟି। ପାଣିପାଗର ସହଯୋଗ ବିନା ସତରେ ଏ ଜୀବନ କିଛି ନୁହେଁ। ଉଦ୍‌ବେଗ ବିହୀନ।

ଝର୍କା ଖୋଲା। ମୁଠେ ଓଦାପବନ ପିଟିହେଲା ଦେହରେ। କଚଡ଼ା ବର୍ଷା ଖାଲି ଦୁରବସ୍ଥାକୁ ଟାଣି ଆଣେ। ପଦ୍ମାବତୀ ଏଇ ସମୟରେ କାମ କରିବାକୁ ଆସେ। ଚା ଟିକିଏ କରେ। ବର୍ଷାଟା ବଢ଼ୁଛି। ଶିରାପ୍ରଶିରା ଧୀରେଧୀରେ ଚମ୍ପୁ ଗାଇବା ପାଇଁ ବ୍ୟାକୁଳ ହେଲାଣି। ସସ୍ମିତା ବାହାରକୁ ଗଲେ ଜଲ୍‌ଦି ଆସେନି। ପଦ୍ମାବତୀଟା ବି ପହଞ୍ଚୁନି। ଡେରି ହେବାର କାରଣ ପଚାରିଲେ ତା' ଛୁଆ ନାଁ ଧରି କ'ଣ ଗୋଟେ କହିଦେବ। ଆଉ ସସ୍ମିତା ସ୍କୁଲରୁ ଫେରି ମୋ' ପାଖେ ଘଡ଼ିଏ ଠିଆ ହେବାକୁ କି ମୋ' ଦେହରେ ହାତ ମାରିବାକୁ ତା'ର ବେଳ ନାହିଁ। ସ୍କୁଲ୍‌ରେ ଅନେକ କାମ। ଖାଲି ଟେନ୍‌ସନ୍। ଆଜିକାଲି ସସ୍ମିତାର ଏପରି ବ୍ୟବହାର ବିଭିନ୍ନ ପ୍ରଶ୍ନ ଉବୁକେଇ ମୋ' ମୁଣ୍ଡକୁ ପାତାଳକୁ ଟାଣୁଛି।

ଏଯାଏଁ ସସ୍ମିତା ଫେରିଲାନି। ଧରିତ୍ରୀ ଉବୁଟୁବୁ। ମୋ' ପାଇଁ କାହାର ବି ଦରଦ ନାହିଁ। ଛୁଟିଦିନରେ କାମ ବାହାନାରେ ଯାଇ ମୋଠୁ ଛୁଟ୍‌କାରା ପାଇବାକୁ ବୋଧେ ଚାହୁଁଛି ସେ। ବାହାରେ ଗଛପତ୍ରରେ ବର୍ଷାର ଶବ୍ଦ। ମୁଁ ଶିହରଣରେ ଲତପତ ପିଣ୍ଡୁଳାଟେ।

ପଦ୍ମାବତୀ ତା' ସ୍ୱାମୀ ସହିତ ଦୁଆର ଠେଲି ଘର ଭିତରକୁ ଆସିଲା ମୋ' ହ୍ୱିଲଚେୟାର ପାଖକୁ। ସ୍ୱାମୀ ଦୁଆର ଆଉଜେଇ ଚାଲିଗଲା। ତୁ ତୁ ବର୍ଷାରେ ସମ୍ପୂର୍ଣ୍ଣ ଓଦା ପଦ୍ମାବତୀ। ବାଳରୁ ନିଗିଡ଼ି ଠପ ଛୁଉଁଥିବା ବର୍ଷା ପାଣି ମୋ' ନିଃଶ୍ୱାସରୁ ସ୍ୱଚ୍ଛନ୍ଦତା ଲୁଟିନେଲା। ଭୋଳ ହୋଇ ଭଳିଗଲି। ପଦ୍ମାବତୀର ସୁଗଠିତ ଦେହ, ଶାଢ଼ି ଫାଙ୍କରେ ଉଙ୍କି ମାରୁଥିବା ସ୍ତନ ମୋ' ଦେହରେ ଉହ୍ଲେଇଏ ରଡ଼ରଡ଼ କୋଇଲା ଭର୍ତ୍ତିକରି ଦେଲା। ଛଅଟିଯାକ ଋତୁ ମେଲି ଦେଇଛନ୍ତି ପସରା ତା' ଦିହରେ। ମୁଁ ଏବେ ବୋକା। ଅଥର୍ବ ଯେଣୁ।

କହିଲା, ବାବୁ! ଅଙ୍ଗନୱାଡ଼ିରେ ଫିଷ୍ଟ ଥିଲା। ପିଲା ଖାଇଖିଇ ଘରକୁ ଫେରିଲେ। ମୁଁ ଆସିଲି। ଦେଖୁନାହାନ୍ତି ପୂରା ଓଦା! ଯାଉଛି କ'ଣ ଖଣ୍ଡେ ପାଲଟିବି।

ବର୍ଷା ଛାଟରେ ଝର୍କା କାଚରେ ଶବ୍ଦ। ମୋ' କାନକୁ କିଛି ଶୁଭୁ ନ ଥିଲା। ମୋ' ଭିତରେ ଘୂର୍ଣ୍ଣି। ପ୍ରଳୟ। ପୂର୍ଣ୍ଣିମାରେ ସମୁଦ୍ର ଜୁଆର।

ପଦ୍ମାବତୀ କିଛି ସମୟ ପରେ ଚା ନେଇ ଆସିଲା। ଓହ୍ଲେଇ ପଡ଼ିଲି ହ୍ୱିଲଚେୟାରରୁ। ମୋର ଅନିବାର୍ଯ୍ୟ ସ୍ଥିତିକୁ ସମ୍ଭାଳିବା ପାଇଁ ମୋତେ ଜାବୁଡ଼ି ଧରି ପୁଣି ହ୍ୱିଲଚେୟାରରେ ବସେଇ ଦେଲା। କ'ଣ କହିବାକୁ ଚାହୁଁଥିଲା। ତା' ପାଟିରେ ହାତ ଦେଲି ମୁଁ।

ବାହାରେ ବର୍ଷାର ଗଜଲ। ଟାଣି ଧରିଲି ତା' କାନିକୁ। ଲାଗିଲା ପ୍ରଥମଥର ନୂଆକରି ମୁଁ ନାରୀଟିଏ ଏତେ ପାଖରେ ପାଇଛି। ତା' କାନିଟା ଧରିଦେଲି। ଥତମତ ହୋଇ କହିପକେଇଲା ବାବୁ! ଆପଣଙ୍କୁ ସେବା ଦେବା ପାଇଁ ମୁଁ ଏଠିକି ଆସିଛି। ଆପଣ ମୋର ଖାଉନ୍ଦ, ମୋର ଠାକୁର।

ତା'କାନି ଛାଡ଼ିଦେଲି। ପ୍ରକୃତିସ୍ଥ ହେଲି। ଭିତରର ଅସ୍ଥିରତା ଥମିଗଲା। ଆକ୍ସିଡେଣ୍ଟ ହେବା ଦିନଠାରୁ ସସ୍ମିତା ମୋ' ଶେଯ ଛୁଇଁନି। ପ୍ରେମକରି ବାହା ହୋଇଥିଲା। ସସ୍ମିତାର ହେୟଭାବର ଦୁଃଖକୁ ଢକଢକ ପିଇ ଆଦୁର୍ଜା ହୋଇ ବଞ୍ଚିବାକୁ ପଡୁଛି।

ବାହାରେ ଏଯାଏଁ ବର୍ଷା ଥମିନି। ସସ୍ମିତା ଏଯାଏଁ ଫେରିନି। ସ୍କୁଲ୍‌ର ପରିଚାଳକ ଗୋଟେ ଅଜବ ଶାସକ। କର୍ମଚାରୀଙ୍କୁ ବିନା କାରଣରେ ଡାକିବେ। ସସ୍ମିତା ବି ଚୁଲି ଲିଭେଇ ଯିବା ଲୋକ। ସସ୍ମିତାର ଭାଷାରେ ଆମେ ଦୁହେଁ ପରା ଏବେ 'ବହି ଚରିତ୍ର' ପାଲଟି ଯାଇଛୁ। ଆମେ ପରସ୍ପରକୁ ଦେଖୁଛୁ କିନ୍ତୁ ଛୁଇଁ ପାରୁନୁ। ମୁଁ 'ଅଳ୍ପ କିଛି'ରୁ ଏବେ 'କିଛିନୁହେଁ' ତା' ପାଖରେ। ଥାଇ ନ ଥିଲା ପରି।

ମଝିରେ ମଝିରେ ଛାଡ଼ିଯାଇ ପୁଣି ଅଡ଼କଶ କରି ତୋଡ଼ ଦେଖଉଥିବା ମେଘ ଏବେ ଢାଳିବା ଆରମ୍ଭ କଲାଣି। ପଦ୍ମାବତୀ ରାତି ରୋଷେଇ ସାରି ଘରକୁ ବାହାରିଲାଣି। ପ୍ରଲମ୍ବିତ ମୋର ଦୃଷ୍ଟି ଧକ୍କା ଖାଇଲା ଗେଟ୍ ପାଖରେ। ଗାଡ଼ିଟେ ରହିଲା। ଓହ୍ଲେଇଲା ସସ୍ମିତା ଆଉ ଜଣେ ଲୋକ ସହିତ। ଲୋକଟି ଛତାଟେ ଧରିଥିଲା ସସ୍ମିତାର ମୁଣ୍ଡ ଉପରେ। ଗେଟ୍ ପାଖରୁ ତିରିଶ ଫୁଟର ବ୍ୟବଧାନ ଆମ ବାରଣ୍ଡା। ସସ୍ମିତା ପାଦ ଚାପିଚାପି ଆସୁଥିଲା। ଦେହ ବାଙ୍କୁଥିଲା ତା'ର ଛତା ଧରିଥିବା ଲୋକଟି ଦେହରେ। ପିଣ୍ଡା ଚଢୁଚଢୁ ସସ୍ମିତା ମୋ' ଆଡ଼କୁ ଅନେଇ କହିଲା– କି ବର୍ଷା! ଚାଲିଗଲା ସେ ଭଲମନ୍ଦ ନ ପଚାରି। ମୁଁ ସେମିତି ଏକା। ମେଘ ସହିତ ତୁହାକୁତୁହା ବିଜୁଳି। ଏମିତି ବର୍ଷୁଥାଉ ଏ ପ୍ରେମିକବର୍ଷା।

– କୁଆଁସ, ଭଦ୍ରକ

---

# ଟାଙ୍ଗାବାଲା

ମୂଳ ହିନ୍ଦୀ- ହରନାରାୟଣ ମହାରାଜ

ଓଡ଼ିଆ ଅନୁବାଦ- ପ୍ରଫୁଲ୍ଲ କୁମାର ସୂତାର

ଆଜକୁ ପ୍ରାୟ ଷାଠିଏ ବର୍ଷ ତଳର କଥା। ଚେନ୍ନାଇର ଜଣେ ଟାଙ୍ଗାବାଲା। ନାଁ ତା'ର ରଫିକ୍। ଦିନେ ସେ କୃଷ୍ଣାନଦୀ ପୋଲ ପାଖରେ ତା' ଗାଡ଼ି ଧରି ଠିଆ ହୋଇଥିଲା। ସେହି ସମୟରେ ଜଣେ ଲୋକ ପୋଲର ପାହାଚରେ ଗଡ଼ିଗଡ଼ି ଆସି ତଳେ ପଡ଼ିଲା।

ଯେତେବେଳେ ସେହି ରକ୍ତାକ୍ତ ହୋଇ ବେହୋସ ଅବସ୍ଥାରେ ଥିବା ବିଦେଶୀକୁ ସାହାଯ୍ୟ କରିବାକୁ କେହି ଆସିଲେ ନାହିଁ, ରଫିକ୍ ତାକୁ ତା'ର ଟାଙ୍ଗାରେ ଶୁଆଇଦେଇ ସେଠାରୁ ନେଇ ଚାଲିଗଲା।

ଛଅ/ସାତ କିଲୋମିଟର ଯିବା ପରେ ସେହି ଚେତା ହରେଇଥିବା



ବିଦେଶୀର ଟିକେ ହୋସ୍ ଆସିଲା ଏବଂ ସେ ଖନେଇ ଖନେଇ ପଚାରିଲା, 'ତୁମେ କିଏ ଭାଇ?' ମୁଁ ଜଣେ ଟାଙ୍ଗାବାଲା, ରଫିକ୍ କହିଲା। ଆପଣ ଶିଡ଼ିରୁ ଗଡ଼ିଗଡ଼ି ତଳେ ପଡ଼ି ବେହୋସ୍ ହୋଇଯାଇଥିଲେ, ମୁଁ ଆପଣଙ୍କୁ ମେଡିକାଲ୍ ନେଇ ଯାଉଛି। ସେହି ଆହତ ବିଦେଶୀ ଜଣକ ତାଙ୍କ କୋଟ୍ ପକେଟରୁ ହଜାରେ ଟଙ୍କା ବାହାର କରି ରଫିକ୍‌କୁ ଦେଇ କହିଲେ, 'ନିଅ, ଏହା ତୁମର ପୁରସ୍କାର।'

'ପୁରସ୍କାର ମୋର କ'ଣ ହେବ? କେବଳ ଟାଙ୍ଗା ଭଡ଼ାଟା ଆବଶ୍ୟକ।' ଏହା କହି ରଫିକ୍ ପଇସା ଫେରାଇଦେଲା।

ସେ ଲୋକଟି ରଫିକ୍ ଫେରାଇଥିବା ପଇସାକୁ ପକେଟ୍‌ରେ ରଖୁଥିବା ସମୟରେ ପୁଣି ବେହୋସ୍ ହୋଇଗଲା ଏବଂ ଟଙ୍କା ସବୁ ତା' ହାତରୁ ଖସି ଟାଙ୍ଗାରେ ବିଞ୍ଚି ହୋଇଗଲା।

ରଫିକ୍ ଟଙ୍କାସବୁ ଗୋଟେଇ ସେହି ଲୋକର ପକେଟରେ ଭର୍ତ୍ତି କରୁଥିବାବେଳେ ତାକୁ ଲାଗିଲା ଯେପରି କୋଟ୍‌ତଳେ ଉଚ୍ଚା ହୋଇ କିଛି ରହିଛି। ସେ ଅଣ୍ଟାଳି ଦେଖିବାବେଳକୁ ବାନିୟାନ ତଳେ ଦୁଇ ପକେଟରେ ଟଙ୍କାସବୁ ଭର୍ତ୍ତି ହୋଇ ରହିଛି।

ରାତି ଦଶଟାବେଳକୁ ଟାଙ୍ଗାବାଲା ପୋଲିସ ଷ୍ଟେସନରେ ପହଞ୍ଚିଗଲା। ଖୋଜାଖୋଜି କରିବାରୁ ପୋଲିସ ତା' କୋଟ୍ ପକେଟ୍‌ରୁ ଚାରି ହଜାର ଏବଂ ବାନିୟାନ୍ ପକେଟରୁ ଅଢ଼େଇ ଲକ୍ଷ ଟଙ୍କା ପାଇଲା।

ଏତେ ଟଙ୍କା ଦେଖି ଥାନାବାବୁ ମନରେ ଟଙ୍କା ହଡ଼ପ କରିବାର ଲୋଭ ଆସିଲା। ସେ ଟାଙ୍ଗାବାଲାକୁ କହିଲା, "ଆରେ ନିଜ ହାତରେ ନିଜ ବେକକୁ ଫାଶୀ ଆଣୁଛୁ କାହିଁକି? ଏ ତ ମର୍ମର୍ ହେଉଛି। ଏବେ ମରିବ କି ଆଉ ଘଣ୍ଟେ/ଦୁଇଘଣ୍ଟା ପରେ ମରିବ। ଏ ମରିଗଲେ ତୁ ହିଁ 'ମର୍ଡର କେସ୍'ରେ ଫସିବୁ। ତେଣୁ ଏଠାରୁ ଯା'କୁ ନେଇଯା'। ରାସ୍ତା ପାଖରେ କେଉଁଠି ଫୋପାଡ଼ି ଦେ'। ଯଦି ଚାହୁଁଛୁ କିଛି ଖର୍ଚ୍ଚାପାଣି ନେଇଯା'।"

ଥାନାବାବୁ ପାଖରୁ ଏକଥା ଶୁଣି ରଫିକ୍ ଆଶ୍ଚର୍ଯ୍ୟ ହୋଇଗଲା। କିନ୍ତୁ ସେ ନ ଡରି କହିଲା, "ଥାନାବାବୁ! ଆପଣ ଯେଉଁ ଚେୟାରରେ ବସିଛନ୍ତି, ତା'ର ମର୍ଯ୍ୟାଦା କଥା ଭାବନ୍ତୁ। ମୁଁ ଜଣେ ଗରିବ ଟାଙ୍ଗାବାଲା। ଯଦି ଆପଣଙ୍କ ପରି ମୋର ଖରାପ ଉଦ୍ଦେଶ୍ୟ ଥାଆନ୍ତା, ତେବେ ସହଜରେ ଏସବୁ ଟଙ୍କା ବାହାର କରି ନେଇ ପାରିଥା'ନ୍ତି। ଏ ପର୍ଯ୍ୟନ୍ତ ଆସିଥା'ନ୍ତି କାହିଁକି? ମୁଁ ଗରିବ ହୋଇପାରେ, କିନ୍ତୁ ମୁଁ ଜଣେ ମଣିଷ। ତେଣୁ ମାନବିକତା ଦୃଷ୍ଟିରୁ ଏହି ବିଦେଶୀର ଜୀବନ ଏବଂ ଧନ ରକ୍ଷାକରିବା ମୋର କର୍ତ୍ତବ୍ୟ ବୋଲି ମୁଁ ମନେକରୁଛି। ହେଲେ ଆପଣ ଯାହା କହୁଛନ୍ତି କରିବାକୁ, ତାହା ଆପଣଙ୍କର କର୍ତ୍ତବ୍ୟ ବୋଲି କ'ଣ ଆପଣ ଭାବୁଛନ୍ତି?" ସତ୍ୟ ପାଇଁ, କର୍ତ୍ତବ୍ୟ ପାଳନ ପାଇଁ ମୁଁ ଜୀବନ ଦେଇପାରେ, ତେଣୁ ଆପଣ ମଧ୍ୟ କର୍ତ୍ତବ୍ୟ ପାଳନ କରି ରିପୋର୍ଟ ଲେଖି ଆଇନ ଅନୁସାରେ କାର୍ଯ୍ୟ କରନ୍ତୁ।

ଥାନାବାବୁ ବୁଝିପାରିଲେ ଯେ ଏ କ୍ଷେତ୍ରରେ ହେରଫେର କରିବା ସମ୍ଭବ ନୁହେଁ। ତେଣୁ ସେ କୃତ୍ରିମ ହସ ମୁହଁ ଉପରେ ପହଁରେଇ ନେଇ କହିଲେ, "ସାବାସ୍! ମୁଁ ତମ ଉପରେ ବହୁତ ଖୁସି। ଏହା ତୁମର ଏକ ପରୀକ୍ଷା ଥିଲା। ତୁମେ ଏଥିରେ ପାସ୍ କରିଗଲ।"

ଥାନାବାବୁ ରିପୋର୍ଟ ଲେଖିସାରି ସେହି ଆହତ ବିଦେଶୀ ବ୍ୟକ୍ତିଙ୍କୁ ହସ୍ପିଟାଲକୁ ପଠେଇଦେଲେ। ହସ୍ପିଟାଲ୍‌ରେ ଡାକ୍ତରମାନଙ୍କର ଅକ୍ଳାନ୍ତ ଚେଷ୍ଟା ଦ୍ୱାରା ଲୋକଟିର ହୋସ୍ ଆସିଲା।

ସେହି ଲୋକଟି ଖନେଇ ଖନେଇ କହିଲା, "ମୋର ଶେଷ ସମୟ ନିକଟ ହୋଇ ଆସିଲାଣି। ଆଉ କିଛି ମିନିଟ୍‌ର କଥା। ଏ ଟାଙ୍ଗାବାଲା ମୋର ବହୁତ ସେବା କରିସାରିଛି। ମୋ' ତରଫରୁ ତାକୁ ଦଶ ହଜାର ଟଙ୍କା ପୁରସ୍କାର ଦେଇଦେବେ। ଆପଣ ମୋ' ଫାର୍ମକୁ ଫୋନ୍ କରିଦିଅନ୍ତୁ, ଯାହାର ଠିକଣା ମୋ' ଡାଏରୀରେ ଲେଖାଯାଇଛି।" ଏତିକି କହିବା ପରେ ତା'ର ରକ୍ତବାନ୍ତି ହୋଇଗଲା ଓ ସେ ମୃତ୍ୟୁବରଣ କଲା।

ସେ ଲୋକର ମୃତ୍ୟୁଖବର ପାଇ କାନ୍‌ପୁରରୁ ତା' ପୁଅ ଆସି ପହଞ୍ଚିଗଲା। ସେ ଟାଙ୍ଗାବାଲାକୁ ଦଶ ହଜାର ଟଙ୍କା ବଢ଼େଇ ଦେଇ କହିଲା, "ଯଦି ଆପଣ ନ ଥା'ନ୍ତେ ଏ ଅଢ଼େଇ ଲକ୍ଷ ଟଙ୍କା ତ ଯାଇଥା'ନ୍ତା, ତା' ସହିତ ବାପାଙ୍କ ମୃତ୍ୟୁ ସମ୍ବାଦ ମଧ୍ୟ ଆମେ ପାଇପାରୁ ନ ଥା'ନ୍ତୁ। ତେଣୁ ଏ ଦଶ ହଜାର ଟଙ୍କା ଆପଣ ପୁରସ୍କାର ଭାବି ରଖନ୍ତୁ।"

ମୋର କେବଳ ତିନି ଦିନର ଟାଙ୍ଗାଭଡ଼ା ଦେଢ଼ଶହ ଟଙ୍କା ଦରକାର, ଏ ଦଶ ହଜାର ଟଙ୍କା ମୋର ଆବଶ୍ୟକ ନାହିଁ। ରଫିକ୍ ଟଙ୍କା ଫେରାଇଦେଇ କହିଲା, "ମୁଁ ଯାହା କରିଛି, ତାହା ମୋର କର୍ତ୍ତବ୍ୟ ଥିଲା। ସେଥିପାଇଁ ପୁରସ୍କାର ନେବି କାହିଁକି?"

ଜଣେ ଗରିବ ଟାଙ୍ଗାବାଲା ମୁହଁରୁ ଏହା ଶୁଣି ସେହି ବିଦେଶୀ ଲୋକଟିର ପୁଅ ଆଶ୍ଚର୍ଯ୍ୟ ହୋଇ ଟାଙ୍ଗାବାଲାକୁ ଚାହିଁ ରହିଥିଲା।

– ରାଜନଗର, କେନ୍ଦ୍ରାପଡ଼ା

# କବିତା

## ବର୍ଷା

**ଡ. ରଶ୍ମି ତ୍ରିପାଠୀ**

ବର୍ଷା
ଅନୂଢ଼ା କିଶୋରୀଟିଏ
ଚପଳଛନ୍ଦା... ନାଚି ନାଚି
ପଶିଆସେ ମନ ଅଗଣାକୁ
ତା' କୋମଳ ଛୁଆଁରେ
ସିକ୍ତ କରେ ପ୍ରତିଟି ମୁହୂର୍ତ୍ତ
ସବୁ ଅବସାଦ ଦୂରେଇଯାଇ
ପ୍ରେମର ତାଜମହଲଟେ
ମନ ଆକାଶରେ ଆଙ୍କି ହୋଇଯାଏ ।

ବର୍ଷା
କେବେ ଆସେ
ସ୍ମୃତିର ଚାଙ୍ଗୁଡ଼ିଧରି
ରୋମନ୍ଥନ କରେ ଅତୀତକୁ
ନିଃସଙ୍ଗ ରାତିଟା ଲାଗେ
ଭାରି ଏକା ଏକା
ସ୍ୱପ୍ନ ସବୁ ଲାଗେ ଫିକାଫିକା ।

ବର୍ଷା
କେବେ ଆସେ
ସୃଷ୍ଟିର କରଣୀ ନେଇ
କବିତାରେ ଧରା ଦେବା ପାଇଁ
ଭାବନାର କାଳି ନେଇ
ଶବ୍ଦ ସବୁ ସଜେଇ ହୁଅନ୍ତି
ନାଚିବାକୁ ଡାଏରୀ ପୃଷ୍ଠାରେ ।

ବର୍ଷା
କୁନି ଝିଅଟିଏ
ନୂଆ ପାଉଁଜି ପିନ୍ଧି ନାଚୁଥାଏ
ଶ୍ରାବଣର ରିମ୍‌ଝିମ୍ ସୁରେ
ପୁଲକିତ ହୋଇଯାଏ
ତନୁମନ ମୋ' ଅଜାଣତରେ ।

**- ପଦ୍ମପୁର, କଟକ**

## ପଦ୍ମରାଗ

**ପଲ୍ଲବୀ ନାୟକ**

ତୁମକୁ ହାତପାହାନ୍ତାରେ ପାଇବା
ଏକ ଅପହଞ୍ଚ ପଦ୍ମ ;
ଆଣ୍ଠୁଏ, ଜଂଘେ, ଅଣ୍ଟେ, ବେକେ ହୋଇ
ମୁଣ୍ଡ ଉପରକୁ ପାଣି ଚଢୁଥାଏ ଖାଲି ।

ଯୋଉଠି ମୃତ୍ୟୁ
ସେଇଠି ହିଁ ପ୍ରେମ ବୋଲି
ଧରିନେବି କି ?
ନା ତୁମକୁ ସୂର୍ଯ୍ୟ ଭାବି
ନିଜେ ପଦ୍ମ ହୋଇଯିବି
ଓ ତୁମେ ଛୁଇଁଲେ ଇ ପାଖୁଡ଼ା ମେଲିବି !

ପୁନଶ୍ଚ ତୁମେ
ଭ୍ରମର ପାଲଟି ମଧୁ ଶୋଷି
ଉଡ଼ିଗଲା ବେଳେ ପାଖୁଡ଼ା ମୁଦି
ତୁମକୁ ବନ୍ଦୀ କରିନେବି ।

ଏଇଠି ବି ସେୟା ନା...
ପ୍ରେମରେ ମରଣ
ଓ ମରଣରେ ପ୍ରେମ !!

- ତହସିଲଦାର, ଦେବଗଡ଼

## ନୀଳ ଅଶ୍ରୁ

**ଶୈବାଳିନୀ ସାହୁ**

ମୋ' ଚିତ୍ରିତ ଚେତନାର
ନୀଳକନ୍ଦରରେ
ତୁମେ ସେଇ ବିଶ୍ୱାସର ଦିଅଁ,
ମୁଁ, ତୁମର ଆଖିତଳୁ
ଅଲକ୍ଷ୍ୟରେ ଝରିଥିବା
ବିରହ ଓ ବେଦନାର
ଟୋପେ ମାତ୍ର ଲୁହ ।

**- ସେ-ଏ, ଫ୍ଲଟ୍-୯୪, ମେଟ୍ରୋପଲିଟାନ୍, କୋଅପରେଟିଭ ସୋସାଇଟି, କଲକତା**

## ନଷ୍ଟ ଚିତ୍ର

**ନିଶିପଦ୍ମା ଶୁଭଦର୍ଶିନୀ**

ମୋ' ଆଖିର ସ୍ୱପ୍ନ ସବୁ
ନିଗିଡ଼ି ଯିବା ପୂର୍ବରୁ,
ବାନ୍ଧି ଦେ ନିଃଶ୍ୱାସରେ
ତେବେ ଯାଇ ଆହୁରି ଲାଲ ହେବ
ତୋ' ଓଠ ।।

ଆସ, ଆସ ଚିତ୍କାର କରନ୍ତି
ତୋ' ଗଳିର ସବୁ ଷ୍ଟ୍ରିଟ୍ ଲାଇଟ୍
କଥା କୁହନ୍ତି, ଜିଭ ଲେଉଟାଇ
ତଥାପି ସବୁ ପାଦ ଅଟକେନା
ଯେ ଅଟକେ, ଈଶ୍ୱର ସାଜେ,
ତୋ' ଗୋଟେ ରାତିର ।।

ତୋ' ଆଖିରେ ନାଚେ
ଲୁହକୁ ପିଇ ପାରୁଥିବା କଜ୍ଜଳ
ଛାତିରେ ଛାତିଏ ଛଳନା
ଚୁଡ଼ିକୁ ଶିଖାଉ ମନ୍ଦ ବାଜଣା
ତୁ' ମାନିବାକୁ ବାଧ୍ୟ ହେଉ
ପ୍ରେମ ବୋଲି କିଛି ନ ଥାଏ ।।

ବନ୍ଦ କୋଠରିରେ ବିଛାଉ
ତୋ ଦି' ଖଣ୍ଡ ହାଡ଼ର ପୃଥିବୀ
ଯା' ଇଚ୍ଛା ଯାଚି ଦେଉ
ବନ୍ଧନ ଓ ମୁକ୍ତିର ଅନ୍ତରାଳେ
ଚକଚକ କରେ ତୋ' ଛାତି
ଅନ୍ଧାର ସରିବା ଯାଏଁ ।।

ନଷ୍ଟ ଚିତ୍ରଟେ ଆଙ୍କୁ
ତୋ' ଭୋକ,
ତା' ଶୋଷର ସମନ୍ୱୟରେ ।।

ସବୁଥର ତୋ' କେଶ ବନ୍ଧାହୁଏ
ଯେବେ ବି ଦେଖୁ ଜୀବନକୁ
ହସୁଥିବାର, ଦୁଆରବନ୍ଧ ପାଖେ
ସକାଳର ଛୁଆଁରେ ।।

**- ହୀରାକୁଦ, ସମ୍ବଲପୁର**

## ବୋଉ

**ଡା. ମନୋରଞ୍ଜନ ଦାଶ**

ଦୁନିଆରେ ସମସ୍ତେ କୁହନ୍ତି, ସ୍ୱର୍ଗଠୁଁ ବି
ବଡ଼ ତୁ ବୋଉ !
ସୃଷ୍ଟି ସିନା ରହସ୍ୟମୟ, ବୋଉ କିନ୍ତୁ
ସରଳ, ଛଳଛଳ, ନିଟୋଳ ଆପଣା ପଣ ।

କାହିଁ କେତେ ଦିନୁ ଆରପାରିକୁ
ଚାଲିଗଲୁଣି ତୁ ବୋଉ !
ମୁଁ ଭୁଲିପାରୁନି ଏବେ ବି !
ମୋ' ଜନ୍ମଦିନରେ ଷଠୀଘର ପୂଜା
ଓ ଚକୁଳି ପିଠା କରି
ମୋ' ପାଟିରେ
କିଏ ଆଉ ଖୁଆଇଦେବ !
ଆମ ଏ ଘର, ତୋ' ପିଠଉବଟା ଶିଳ,
ଦୁଆର ମୁହଁ ତୋତୋ ଝୁରିଝୁରି
କାନ୍ଦୁଛନ୍ତି କେମିତି, ଦେଖିଲୁ ବୋଉ !

ତୋ' ଟିକି ନାତୁଣୀକୁ ବୁଝେଇ ଦେଲି ସିନା
ଜେଜେମା' ଜହ୍ନମାମୁଁ ପାଖକୁ ଯାଇଚି
ସିଏ କିନ୍ତୁ ବୁଝୁନି, କାନ୍ଦି କାନ୍ଦି ଅଳି କରୁଚି,
କହୁଚି- ମୁଁ ଆଉ ଦୁଷ୍ଟ ହେବିନି,
ଖେଳନା ପାଇଁ ଅଡ଼ି ବସିବିନି
ମୋତେ ମୋ' ଜେଜେ ମା'ଙ୍କୁ
ଆଣିଦିଅ ବାପା !
ତୁ କହ ! ମୁଁ କି ଉତ୍ତର ଦେବି,
ନିର୍ମାୟା ଏ ପିଲାଟିକୁ !
ମୁଁ ଘରକୁ ନ ଫେରିଲେ,
କିଏ ଆଉ ଖାଇ ନ ଥିବ,
ମୋ' ଫେରିବା ବାଟକୁ କିଏ ଚାହିଁ ରହିବ !
ମୋ' କବିତା ପାଇଁ କିଏ ଶବ୍ଦ ଗୋଟେଇ ଦେବ !

**- ପ୍ରଭାବତୀ ନିଳୟମ୍, ବେଲତଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

### ଗୀତି-କବିତା:

## ଆଷାଢ଼ ସଂଜରେ, ଭିଜୁଛି ମେଘରେ

**ଶରତ ଚନ୍ଦ୍ର ରାଉତରାୟ**

ଆଷାଢ଼ ସଂଜରେ, ଭିଜୁଛି ମେଘରେ
କେବଳ ତୁମରି ପାଇଁ
କହିଥିଲ ତୁମେ, ଆଷାଢ଼ ମେଘରେ
ଭିଜିବା ଏକାଠି ହୋଇ ।

ସଂଜ ଗଡ଼ିଗଲା, ରାତି ଅଧ ହେଲା
ତୁମର ତ ଦେଖା ନାହିଁ
ମେଘ ଚାଲିଗଲା, ବଉଦ ଫାଙ୍କରେ
ଜହ୍ନ ଆସିଲା ଉଇଁ
ତୁମ ପାଇଁ ରାତି ଅସରା ହୋଇଲା
ପିଆଲାରେ ଢ଼ୁମାଦେଇ ।

ଆଷାଢ଼ ମେଘରେ, ଭିଜୁଛି ରାତିରେ
ତୁମ ସ୍ମୃତି ସାଥେ ନେଇ
ବୁଝିଲନି ତୁମେ ଛାତିତଳେ କେତେ
ବେଦନା ରହିଛି ଛାଇ
ଏବେ ବି ତୁମକୁ ଚାହିଁ ରହିଅଛି,
ମେଘରେ ଭିଜିବା ପାଇଁ ।

**- ବୟାଳିଶିବାଟୀ, ଗୋପ, ପୁରୀ**

### ଦୁଇଟି ମିନି କବିତା

## ଉଚ୍ଛୁଳା ନଈ

**ଶିବ ମିଶ୍ର**

୧।। ଟିପିଟିପି ବର୍ଷା ପରି
ଦୁଆର ଆଗରେ ମୋର
ଦିନ ସାରା ତମଛାଇ...
ପଡୁଛି ବିଛେଇ
ସଂଜ ଗଡ଼ି ଗଲେ
ଭାଂଗି ଦେଉଛି ମୋ'ଘର
ତମ ରୂପ ଉଚ୍ଛୁଳା ନଈ ।।

୨।। ସମ୍ପର୍କର ଛାଇ
ନିବୁଜ ଘରେ ମୋର
ଗୁଂଜରିଲା ପରେ ତମସ୍ୱର
ଅଦେଖା ଫାଙ୍କ ଭେଦି
ଝରିଗଲା ପରେ ଆଲୁଅ ତମର
ଦେଖିଲି ମୋ' ଦୁଆର ଫିଟେଇ
ଆଗକୁ ଆସୁଛି ଆମ
ନୀରବ ସମ୍ପର୍କର ଛାଇ ।

**- ବାଣପୁର, ଖୋର୍ଦ୍ଧା**




# ଆଜି ବି ସାଇତି ରଖିଛି ପ୍ରଥମ କବିତାର ପ୍ରଥମ ଚିଠି...



**ହରେକୃଷ୍ଣ ଦାସ**

**ହରେକୃଷ୍ଣ ଦାସଙ୍କ ଜନ୍ମ ୧୯୭୪ରେ, ପୁରୀ ଜିଲା ନିମାପଡ଼ା ବ୍ଲକ ଡିହବାରି ଗାଁରେ। ବୃତ୍ତିରେ ଅଧ୍ୟାପକ, ହେଲେ ରୁଚିରେ କବି। ସମାଜ ଓ ଜୀବନକୁ ନେଇ ଅନେକ କବିତା ତାଙ୍କର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। କବିତା ଛଡ଼ା ଅନୁବାଦ ଓ ସାହିତ୍ୟ ସମାଲୋଚନାରେ ତାଂକ ବ୍ରତୋପମ ନିଷ୍ଠା ପ୍ରଶଂସନୀୟ। ଏଥରର 'ପହିଲି ପୁଲକ'ରେ ହରେକୃଷ୍ଣ ମନେ ପକାଇଛନ୍ତି ତାଂକ ପ୍ରଥମ କବିତାର ସ୍ମୃତି। ଖୁବ୍ ଆବେଗଦୀପ୍ତ ଏହି ସ୍ମୃତି-ଚାରଣର କଣ୍ଠସ୍ୱର...**

ବେସିକ୍ ସାଇନ୍ସ କଲେଜରେ ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ର ଥିବାବେଳେ ୧୯୮୯ ମସିହାରେ କଲେଜସ୍ତରୀୟ କବିତା ପ୍ରତିଯୋଗିତାରେ ଭାଗ ନେବା ମୋ' ପାଇଁ ଗୋଟେ ଦୁଃସାହସିକ କାର୍ଯ୍ୟଠୁଁ ବି କିଛି କମ୍ ନ ଥିଲା। ଗଣିତ ଅଧ୍ୟାପକ ଶକ୍ତି ସାର୍‌ଙ୍କୁ କବିତାଟି ଧରେଇ ଦେଇ ବେଶ୍ କିଛିଦିନ ତାଙ୍କଠୁଁ ଲୁଚି ବୁଲିଲି। ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରିଛି ବୋଲି ଜାଣିଲା ପରେ ବହୁତ ଖୁସି ଲାଗିଥିଲା। କିନ୍ତୁ ବେଶୀ ଡର ମାଡ଼ିଥିଲା ଯେତେବେଳେ ଗୋଟେ ବଡ଼ ହଲ୍‌ରେ, ଏତେ ପିଲା ଓ ଅଧ୍ୟାପିକା ଅଧ୍ୟାପକଙ୍କ ସାମ୍ନାରେ କବିତାଟି ପଢ଼ିବାକୁ ମୋ' ନାଆଁ ଡକାହେଲା। ଗୋଡ଼ ଥରୁଥାଏ, ତଣ୍ଟି ପାଟି ଅଠାଅଠା। ଭୟରେ ଦି'ତିନି ଧାଡ଼ି ଭୁଲଭାଲ ପଢ଼ି ଦେଇଥିଲି ବୋଲି ମନେପଡୁଛି। କିନ୍ତୁ ପୁରସ୍କାର ଆକାରରେ କିଛି ବହି ପାଇଛି ଦେଖିଲା ପରେ ଟିକେ ଦମ୍ଭ ଆସିଲା। ହାଇସ୍କୁଲ ପଢ଼ିଲାବେଳେ ବାତୁଳଙ୍କ ପରି ଯାଡୁସାଡୁ ଗୁଡ଼ାଏ ଲେଖିଥିଲେ ବି ବ୍ୟବସ୍ଥିତ କବିତା ଲେଖା ଦିଗରେ ଏଇଟା ଥିଲା ପ୍ରଥମ ପଦକ୍ଷେପ।

ରେଭେନ୍ସା କଲେଜରେ ଇଂରାଜୀରେ ଏମ୍.ଏ. କରୁଥିଲାବେଳେ ୧୯୯୬ ମସିହାରେ ଆମ ବିଭାଗର ଏକ ସେମିନାରର ଅଂଶ ଭାବେ ଏକ କବିତା ପାଠ କାର୍ଯ୍ୟକ୍ରମରେ କବିତାଟିଏ ପଢ଼ିଲାବେଳକୁ କଣ୍ଠରେ ଆଉ ନର୍ଭସ୍‌ନେସ୍ ନ ଥିଲା। ଶୁଭେନ୍ଦୁ ମୁଣ୍ଡ ସାର୍‌ଙ୍କ ଗୁରୁ ଗମ୍ଭୀର କଣ୍ଠସ୍ୱର, ମୋ' ନାଆଁ ସହ କବିତାର ଶୀର୍ଷକ 'ରାଧା' ଏବଂ କବିତାଟିର ଶେଷ ଦୁଇଧାଡ଼ି "କାରଣ, ତମେ ମୋର ପତ୍ନୀ ନୁହଁ/ ଆଉ କା'ର ପ୍ରେମିକା ଯଦି ବି ନୁହଁ"ର ଅପୂର୍ବ ସମନ୍ୱୟ ଘଟାଇ ହୋଇଥିବା ସଂଯୋଜନା ମୋ' ଭିତରେ ଗୋଟେ ଶିହରଣ ତ ଭରି ଦେଇଥିଲା; ପରବର୍ତ୍ତୀ କିଛି ମାସ ପର୍ଯ୍ୟନ୍ତ ହଷ୍ଟେଲ ପରିବେଶରେ ତାହା କବିତାଟିକୁ ଜୀବନ୍ତ କରି ରଖିଥିଲା। ନିଉ ପି.ଜି. ହଷ୍ଟେଲ ଛାଡ଼ିବାର ପ୍ରାୟ ଦୁଇ ବର୍ଷ ପରେ ଏମ୍.ଫିଲ୍. ପରୀକ୍ଷା ଦେବା ସମୟରେ ଯେତେବେଳେ ସେଇ ହଷ୍ଟେଲରେ ଅନୁଜ ପ୍ରତିମ କବି ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ସହ ପ୍ରଥମ ଦେଖାହେଲା, ସେ ଖାଲି ମୋ' ନାଆଁ ଶୁଣିବା ପରେ ମୋର 'ରାଧା' କବିତାଟି ବିଷୟରେ ଶୁଣିଚି ବୋଲି କହିଲା ଏବଂ ଶୁଣେଇବାକୁ କହିଲା। ଏକରକମ ବାଧ୍ୟ କରି କବିତାଟି ନେଇ ୧୯୯୮ ଅକ୍ଟୋବରରେ 'ମାତୃଭାଷା'ରେ ପ୍ରକାଶ ଉଦ୍ଦେଶ୍ୟରେ ପହଞ୍ଚାଇଥିଲା। ସେହି ମାସରେ ପ୍ରକାଶିତ ହେଲା ମୋର ପ୍ରଥମ କବିତା- 'ରାଧା'। ତା' ପରଠୁଁ ମନ୍ଥର ଗତିରେ ହେଲେ ବି ଲେଖା ଚାଲିଛି।

'ମାତୃଭାଷା'ର କପିଟିଏ ହର୍ଷବର୍ଦ୍ଧନ ପଠାଇଥିଲା। ଛପା ଅକ୍ଷରରେ ମୋର ପ୍ରଥମ କବିତାଟି ଦେଖି ଖୁବ୍ ଖୁସି ଲାଗିଥିଲା। ଅନେକ ଥର କାଗଜଟି ବହିଥାକରୁ ଆଣି କବିତାଟି ପଢ଼ି ମୁଗ୍ଧ ହେଇଛି। କବିତାଟି ପଢ଼ି ଜଣେ ଅଧେ ପାଠକ ଚିଠି ଦେଇଛନ୍ତି। କିଛି ସଂପାଦକ କବିତା ମାଗିଛନ୍ତି ମଧ୍ୟ। ଅଧ୍ୟାପକ ଶରତ କୁମାର ଜେନାଙ୍କର କୁନିକୁନି ସୁନ୍ଦର ହସ୍ତାକ୍ଷରରେ ଆସିଥିବା ପୋଷ୍ଟକାର୍ଡ ଚିଠିଟି ଆଜି ବି ସେତିକି ଖୁସିରେ ସାଇତି ରଖିଛି, ଯେତିକି ଖୁସି ପ୍ରଥମ କବିତାର ପ୍ରକାଶନ ପରେ ଅନୁଭବ କରିଥିଲି।

## ପୁସ୍ତକ ପରିଚୟ


### ଜୀବନଶିଳ୍ପୀ

**ପ୍ରଫୁଲ୍ଲ କୁମାର ମହାନ୍ତି: ବ୍ୟକ୍ତିତ୍ୱ ଓ କୃତିତ୍ୱ**

**ସମ୍ପାଦନା: ବସନ୍ତ କୁମାର ପଣ୍ଡା/କମଳା ପ୍ରସାଦ ମହାପାତ୍ର**

**ପ୍ରକାଶକ: ଜ୍ଞାନଯୁଗ ପବ୍ଲିକେଶନ, ନୟାପଲ୍ଲୀ, ଭୁବନେଶ୍ୱର-୧୫**

**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୨୫୦/-**




ବିଶିଷ୍ଟ ଲେଖକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଅଶୀବର୍ଷ ପୂର୍ତ୍ତି ଅବକାଶରେ ପ୍ରକାଶିତ ଏହି ଗ୍ରନ୍ଥଟି ବହୁ ଉଲ୍ଲେଖନୀୟ ରଚନାରେ ସମୃଦ୍ଧ। ସମ୍ପାଦକ ଡ. ପଣ୍ଡା ଲେଖିଛନ୍ତି- "ସାହିତ୍ୟ ରଚନାରେ ପ୍ରଫୁଲ୍ଲ ସାର୍ ସବ୍ୟସାଚୀ। ମୌଳିକ ରଚନା ଓ ଅନୁବାଦ ଉଭୟ କ୍ଷେତ୍ରରେ ଓଡ଼ିଆ ଓ ଇଂରାଜୀ ଭାଷାରେ ଅଜସ୍ର ସ୍ରାବୀ ଲେଖନୀ ତାଙ୍କର ଯେଉଁ ବିପୁଳ ଓ ବିଚିତ୍ର ସୃଷ୍ଟିର ଜଗତ ନିର୍ମାଣ କରିଛି, ସେ ସବୁର ଏକତ୍ର ମୂଲ୍ୟାୟନ କରିବା ତ ଦୂରର କଥା ପରିଚୟ ଦେବା ମଧ୍ୟ ସହଜସାଧ୍ୟ ନୁହେଁ।" ନାଟକ, ଗଳ୍ପ ଓ ପ୍ରବନ୍ଧ ରଚନାରେ ଅସାମାନ୍ୟ କୃତିତ୍ୱ ପ୍ରଦର୍ଶନ କରିଥିବା ପ୍ରଫୁଲ୍ଲଙ୍କ ବ୍ୟକ୍ତିତ୍ୱ ଓ ସାରସ୍ୱତ ବୈଶିଷ୍ଟ୍ୟ ସମ୍ପର୍କରେ ଓଡ଼ିଆରେ ୨୧ଟି ଓ ଇଂରାଜୀରେ ୧୫ଟି ଆଲେଖ୍ୟ ଗ୍ରନ୍ଥରେ ସ୍ଥାନିତ ହୋଇଛି। ଆଲେଖ୍ୟ ରଚୟିତାଙ୍କ ମଧ୍ୟରେ ଅଛନ୍ତି ପ୍ରତିଭା ରାୟ, ଫନୀ ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ଶରତ ଚନ୍ଦ୍ର ଶତପଥୀ, ନିତ୍ୟାନନ୍ଦ ଶତପଥୀ, ହରପ୍ରସାଦ ପରିଛା ପଟନାୟକ, ବାଉରିବନ୍ଧୁ କର, ହୃଷୀକେଶ ମଲ୍ଲିକ, ସୁଭାଷ ଶତପଥୀ, ସୁମନ ମହାପାତ୍ର, କମଳା ପ୍ରସାଦ ମହାପାତ୍ର ଓ ସାତକଡ଼ି ହୋତା ପ୍ରମୁଖ। ପ୍ରଫୁଲ୍ଲଙ୍କୁ ଚିହ୍ନି ଚିହ୍ନାଇବାରେ ଗ୍ରନ୍ଥଟି ଯେ ଏକ ପଥିକୃତ୍ ଉଦ୍ୟମ, ଏଥିରେ ସନ୍ଦେହ ନାହିଁ।

### ଉତ୍ତୀର୍ଣ୍ଣ ସମ୍ପର୍କ

**ଗାଳ୍ପିକ: ପ୍ରାଣେଶ୍ୱର ମିଶ୍ର**

**ପ୍ରକାଶକ: ରାଜଲକ୍ଷ୍ମୀ ପ୍ରକାଶନୀ, ତୁଳସୀପୁର, କଟକ-୮**

**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୨୦/-**




ମୋଟ ୨୦ଟି ଗଳ୍ପ ବହିଟିରେ ପ୍ରକାଶ ପାଇଛି, ଯାହା ଜୀବନ-ଜଡ଼ିତ ଓ ସମାଜଧର୍ମୀ। ଗାଳ୍ପିକ କହନ୍ତି: "ପିଲାଦିନରୁ ମୁଁ ଗପପ୍ରିୟ। ନୂଆନୂଆ ଗପ ଶୁଣିବା ମୋର ସଉକ x x ଯାହା ମୋତେ ଏତେ ବାଟ କାହାଣୀ ପାଖକୁ ଟାଣି ଆଣିଛି। x x ଗପର ଗପ ଭିତରୁ ମୋର ଗପ ଲେଖା ଆରମ୍ଭ।" 'ଉତ୍ତୀର୍ଣ୍ଣ ସମ୍ପର୍କ', 'ମହାତ୍ମା', 'ଦ୍ୱିତୀୟା ଜନ୍ମ', 'ଚେନାଏ ସ୍ମୃତି', 'ପ୍ରେୟସୀ', 'ମୁରବି' ଓ 'ଅଭିଶାପର ଛାଇ' ପ୍ରଭୃତି ଗଳ୍ପଗୁଡ଼ିକ ମନେହୁଏ ଲେଖକଙ୍କ ଅଙ୍ଗେନିଭା, ଆଖିଦେଖା ଓ କାନଶୁଣା ଅଭିଜ୍ଞତାର ବିଶ୍ୱସ୍ତ ଦଲିଲ୍। ଭାଷା ଅକୃତ୍ରିମ, ଯେମିତି ଚରିତ୍ରମାନଙ୍କ ମୁହଁରୁ ଛଡ଼େଇ ଆଣି ନିଜ କଲମରେ ଲେଖି ଦେଇଛନ୍ତି ଲେଖକ। ଉଦ୍ଧୃତିଟିଏ 'ମହାତ୍ମା' ଗପରୁ- "ଶରୀରରେ ତା'ର ବାସ୍ତବିକ ଛିଟା। ରାଧାର ସଙ୍ଗସୁଖ ଲାଭ। ଜୀବନ ଯମୁନାର ଉଚ୍ଛଳ ପ୍ରବାହ। ଇନ୍ଦ୍ରମଣି ଜୀବନ ପୁସ୍ତିକାର ଏଗୁଡ଼ିକ ଗୋଟିଏ ଗୋଟିଏ ଫର୍ଦ୍ଦ।" ଛୋଟଛୋଟ ଧାଡ଼ିରେ ଖୁନ୍ଦି ହେଇଛି ଜୀବନକୁ ଘେନି ଘେନାଇବାର ଅସରନ୍ତି ସ୍ପନ୍ଦନ। ବହିଟି ଜନାଦୃତି ଲାଭ କରିବ ବୋଲି ଆଶା।

### ଆକାଙ୍କ୍ଷା


**ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା**

**ମୁଖ୍ୟ ସମ୍ପାଦକ: ପ୍ର. ଦେବୀପ୍ରସନ୍ନ ପଟ୍ଟନାୟକ**

**ପ୍ରକାଶକ: ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ନିଃଶୁଳ୍କ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରକାଶ ପାଇଛି 'ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା'। ଏହାର ସମ୍ପାଦନା କରିଛନ୍ତି ମୁଖ୍ୟ ସମ୍ପାଦକ ପ୍ରଫେସର ପଟ୍ଟନାୟକଙ୍କ ସହ ଡ. ପ୍ରସନ୍ନ କୁମାର ସ୍ୱାଇଁ, ଡ. ସଦାନନ୍ଦ ନାୟକ, ଡ. ଦେବୀପ୍ରସାଦ ଶତପଥୀ, ଡ. ସମୀର ଭୋଇ ଓ ଡ. ରାଧାଗୋବିନ୍ଦ ପାଢ଼ୀ। ପ୍ର. ରାଜେନ୍ଦ୍ର ପ୍ରସାଦ ଦାସ, ପ୍ର. ଶ୍ରୀନିବାସ ମିଶ୍ର, ପ୍ର. ଦାଶରଥି ଦାସ, ପ୍ର. ସୁଦର୍ଶନ ଆଚାର୍ଯ୍ୟ, ପ୍ର. ଗଗନେନ୍ଦ୍ରନାଥ ଦାଶ, ପ୍ର. କୃଷ୍ଣଚନ୍ଦ୍ର ପ୍ରଧାନ, ଡ. ମାଳବିକା ରାୟ ଓ ବିପିନ ବିହାରୀ ବିଶ୍ୱାଳ ପ୍ରମୁଖ ବହୁ ଖ୍ୟାତନାମା ଅଧ୍ୟାପକ ଓ ସାହିତ୍ୟିକ (ଯେଉଁମାନେ ବିଶ୍ୱବିଦ୍ୟାଳୟ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡ଼ିତ)ଙ୍କ ମୂଲ୍ୟବାନ ଲେଖାରେ 'ସ୍ମରଣିକା'ଟି ମନୋଜ୍ଞ ଓ ବୁଦ୍ଧିଦୀପ୍ତ ହୋଇପାରିଛି। ବିଭାଗର ବିଭିନ୍ନ କାର୍ଯ୍ୟାବଳୀର ସ୍ମାରକ ସ୍ୱରୂପ ଏଥିରେ ସ୍ଥାନ ପାଇଥିବା ଫଟୋଗୁଡ଼ିକ ବିଭାଗର ଅତୀତ ସ୍ମୃତିକୁ ପୁନଶ୍ଚ ମନେ ପକାଇଦିଏ। ଗ୍ରନ୍ଥର ଅନ୍ତିମ ଭାଗରେ ୧୯୬୮ରୁ ୨୦୧୮ ଯାଏଁ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ କରିଥିବା ଛାତ୍ରୀଛାତ୍ର, ବିଭାଗ ଅଧୀନରେ ଗବେଷଣା କରି ଏମ୍.ଫିଲ୍., ପିଏଚ୍.ଡି. ଓ ଡି.ଲିଟ୍ ଲାଭ କରିଥିବା ଗବେଷିକା/ଗବେଷକମାନଙ୍କର ଯେଉଁ ତାଲିକା ପ୍ରଦାନ କରାଯାଇଛି, ତାହା ନାନା ଦୃଷ୍ଟିରୁ ଓଡ଼ିଶାର ବିଦ୍ୱାନ୍‌ମାନଙ୍କୁ ଉପକୃତ କରାଇବ। ସ୍ମରଣିକାଟି ସୁସମ୍ପାଦିତ, ସୁମୁଦ୍ରିତ ଓ ପ୍ରୟୋଜନୀୟ ନାନା ତଥ୍ୟରେ ଋଦ୍ଧିମନ୍ତ।




### ଡେଲାଙ୍ଗ ବ୍ଲକର ସାରସ୍ୱତ ସାଧକ

**ଲେଖକ: ଫକୀର ଚରଣ ପାଢ଼ୀ**

**ପ୍ରକାଶକ: ନୀଳଚକ୍ର ପ୍ରକାଶନ, ବେରବୋଇ, ପୁରୀ**

**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୩୦୦/-**




ଡେଲାଙ୍ଗ ବ୍ଲକର ସାରସ୍ୱତ ସାଧକମାନଙ୍କ କୃତି ଓ ଜୀବନୀକୁ ନେଇ ବହିଟିକୁ ପ୍ରସ୍ତୁତ କରିଛନ୍ତି ଲେଖକ ଶ୍ରୀ ପାଢ଼ୀ। ଆଚାର୍ଯ୍ୟ ଦିଙ୍ନାଗ, କହ୍ନାଇ ଚମ୍ପତିରାୟ, ମହାପୁରୁଷ ଆର୍ତ୍ତ ଦାସଙ୍କ ଠାରୁ ଆରମ୍ଭ କରି ଲକ୍ଷ୍ମୀଧର ନାୟକ, ନଟବର ସାମନ୍ତରାୟ, ଲକ୍ଷ୍ମଣ କୁମାର ପରିଡ଼ା, ବନଜ ଦେବୀ, ଗଣେଶ୍ୱର ମିଶ୍ର, ସୂର୍ଯ୍ୟ ମିଶ୍ର, ସୁବୋଧ ପଟ୍ଟନାୟକ ଓ ଶଶାଙ୍କ ଚୂଡ଼ାମଣିଙ୍କ ଯାଏଁ ମୋଟ ୬୫ ଜଣ ଲେଖକଙ୍କ ସମ୍ପର୍କରେ ବହିଟିରେ ବିଶଦ ଆଲୋଚନା କରାଯାଇଛି। ଡେଲାଙ୍ଗ ମାଟିର ଏହି ବରପୁତ୍ରମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ଓ ତାକୁ ସୁସମନ୍ୱିତ କରି ପ୍ରକାଶ କରିବା କଠିନ ବ୍ୟାପାର ହୋଇଥିଲେ ହେଁ ଫକୀର ଚରଣ ଏ କାର୍ଯ୍ୟଟି ଅତ୍ୟନ୍ତ ନିଷ୍ଠାର ସହ ତୁଲାଇଛନ୍ତି। ଓଡ଼ିଆ ସାହିତ୍ୟର ଇତିହାସ ପ୍ରଣେତାମାନଙ୍କୁ ଭବିଷ୍ୟତରେ ଏହା ଯେ ଅଭାବିତ ସାହଚର୍ଯ୍ୟ ଯୋଗାଇବ, ଏଥିରେ ସନ୍ଦେହ ନାହିଁ।